ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୮୫ ଭୁବନେଶ୍ୱର ଶନିବାର, ମାର୍ଚ୍ଚ ୨୧.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.185 Bhubaneswar, Friday, March 21, 2025

ମାଓଗଡରେ ଯବାନ ଖେଳିଲେ ରକ୍ତର ହୋଲି

ନୂଆଦିଲ୍ଲୀ,୨୦/୩: ମାଓଗଡରେ ଯବାନ ଖେଳିଲେ ରକ୍ତର ହୋଲି । ସେ ସୁକମା କୁହନ୍ତୁ କି ବିଜାପୁର କୁହନ୍ତୁ ଅବା ବସ୍ତର । ଛତିଶଗଡରେ ବିଭିନ୍ନ ସମୟରେ ତାଣ୍ଡବ ରଚନ୍ତି ମାଓବାଦୀ । ଆଉ ମାଓ ହିଂସାର ଶିକାର ହୋଇ ଜୀବନ ହରାନ୍ତି ଯବାନ । ନକ୍ସଲଙ୍କ ଗୁଳିରେ, ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଅନେକ ସମୟରେ ସହିଦ ହୁଅନ୍ତି ଆମ ଦେଶର ସୁରକ୍ଷା କର୍ମୀ । କେତେବେଳେ ପୋଲିସ ଗାଡିକୁ ଟାର୍ଗେଟ୍ କରନ୍ତି ତ କେବେ ଆମ୍ବୁସ କରି ଅତର୍କିତ ଆକ୍ରମଣ କରି ଯବାନଙ୍କ ଜୀବନ ନଇଯାଆନ୍ତି । ହେଲେ ଜଙ୍ଗଲରେ ଲୁଚି ଲୁଚି ଆକ୍ରମଣ କରୁଥିବା ସେହି ଜହ୍ଲାଦ ମାନଙ୍କୁ ମଝିରେ ମଝିରେ ପାନେ ଦିଅନ୍ତି ଆମ ଯବାନ । କେବେ କମ୍ବିଂ ଅପରେସନ ତ କେବେ ମିଶନ ମାଓବାଦୀ ନକ୍ସଲ ମୁକ୍ତ ଭାରତର ଅଭିଯାନକୁ ଆଗେଇ ନେବାକୁ ଏବେ ଲଗାତାର ଅପରେସନ କରି ମାଓ ଶିବିର ଧ୍ୱଂସ କରିବା ସହ ନକ୍ସଲ ଗଡରେ ଆତଙ୍କ ଖେଳାଇଛନ୍ତି ଆମ ଯବାନମାନେ । ମାଓବାଦୀଙ୍କୁ ନିପାତ କରି ଇଟାର ଜବାବ ପଥରରେ ଦେଉଛନ୍ତି ସୁରକ୍ଷା କର୍ମୀ । ଭାରତକୁ ନକ୍ସଲ ମୁକ୍ତ କରିବାକୁ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତାକୁ ଆହୁରି ବଳ ଦେଇଛି ଆଜିର ମାଓ ନିପାତ ଘଟଣା । ଛତିଶଗଡର ବିଜାପୁର ଏବଂ କାଙ୍କେରରେ ସୁରକ୍ଷା କର୍ମୀ ଦୁଇଟି ପୃଥକ ଅପରେସନରେ ୩୦ ଜଣ ନକ୍ସଲଙ୍କୁ ନିପାତ କରିଛନ୍ତି । ନକ୍ସଲ ଗଡ ସଫା କରିବା ସହ ନକ୍ସଲ ଶିବିରରୁ ବିପୁଳ ପରିମାଣରେ ମାରଣାସ୍ତ୍ର ଓ ବିସ୍ଫୋରକ ଜବତ କରାଯାଇଛି । ଏହି ବଡ ଧରଣର ଏନକାଉଣ୍ଟରରେ ଜଣେ ଯବାନ ସହିଦ ହୋଇଛନ୍ତି । ନକ୍ସଲ ମୁକ୍ତ ଭାରତ ଗଠନ ପାଇଁ ଆଗାମୀ ଦିନରେ ମାଓବାଦୀଙ୍କ ନିପାତ ପାଇଁ ଅପରେଜନ ଜୋରଦାର ହେବ । ପୋଲିସ ଅଫିସର ସୂଚନା ଦେଇଛନ୍ତି । ସେପଟେ ତେବେ ସୁରକ୍ଷା କର୍ମୀଙ୍କ ଏହି ସଫଳତାକୁ ଭୁରି ଭୁରି ପ୍ରଶଂସା କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା । ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ଶାହା ଲେଖିଛନ୍ତି- ଆଜି ଆମ

୩୦ ମାଓବାଦୀଙ୍କ ମୁଣ୍ଡ ଗଡାଇଲେ ସୁରକ୍ଷା କର୍ମୀ

ମାଓବାଦୀଙ୍କ ମୂଳପୋଛ ପାଇଁ ଯବାନମାନେ ସ୍ୱତନ୍ତ୍ର ରଣନୀତି କରୁଥିବା ବେଳେ ମାଓ ନେତା ହିଡମାର ସନ୍ଧାନ ପାଇଁ ସେ ଆତଯାତ କରୁଥିବା ୧୨୫ରୁ ଅଧିକ ଗାଁରେ ସ୍ୱତନ୍ତ୍ର ଜ୍ଞାନକୌଶଳ ଜରିଆରେ ମେପିଂ କରାଯିବ । ଓଡିଶା, ଛତିଶଗଡ ଏବଂ ଆନ୍ଧ୍ର ସୀମାନ୍ତବର୍ତ୍ତୀ ଗାଁରେ ଏବେ ଯବାନମାନେ ଡେରା ପକାଇଥିବା ବେଳେ ନକ୍ସଲଙ୍କୁ ମୂଳପୋଛ କରିବାକୁ ମୌକା ଖୋଜୁଛନ୍ତି । ତେବେ ଚଳିତ ବର୍ଷ ମୋଟ୍ ୧୦୫ ନକ୍ସଲଙ୍କୁ ନିପାତ କରାଯାଇଥିବା ଛତିଶଗଡର ଜଣେ ଯବାନମାନେ 'ନକ୍ସଲ ମୁକ୍ତ ଭାରତ ଅଭିଯାନ' ଦିଗରେ ଆଉ ଏକ ବଡ଼ ସଫଳତା ହାସଲ କରିଛନ୍ତି । ଛତିଶଗଡର ବିଜାପୁର ଏବଂ କାଙ୍କେରରେ ଆମର ସୁରକ୍ଷା ବାହିନୀ ଦୁଇଟି ପୃଥକ ଅପରେସନରେ ୩୦ ଜଣ ନକ୍ସଲଙ୍କୁ ନିପାତ କରିଛନ୍ତି । ଯାହା ଆମ ପାଇଁ ବଡ କଥା । ମୋଦୀ ସରକାର ନକ୍ସଲଙ୍କ ବିରୁଦ୍ଧରେ ଏକ ନିର୍ଦ୍ଦୟ ଆଭିମୁଖ୍ୟ ସହ ନକ୍ସଲମାନଙ୍କ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି । ଆସନ୍ତା ବର୍ଷ ମାର୍ଚ୍ଚ ୩୧ ପୂର୍ବରୁ ଦେଶ ନକ୍ସଲ ମୁକ୍ତ ହେବାକୁ ଯାଉଛି ।

ଭାରତ ହେବ ନକ୍ସଲ ମୁକ୍ତ

ନୂଆଦିଲ୍ଲୀ,୨୦/୩: ଏନକାଉଣ୍ଟରରେ ଥରିଛି ଛତିଶଗଡର ଛାତି । ଜଙ୍ଗଲରେ ଶୁଭିଛି ଗୁଳିର ଗର୍ଜନ । ଆଉ ଯବାନଙ୍କ ଗୁଳିରେ ଟଳିପଡିଛନ୍ତି ୩୦ ମାଓବାଦୀ । ଇଟାର ଜବାବ ପଥରରେ ଦେଇଛନ୍ତି ସୁରକ୍ଷା କର୍ମୀ । ଛତିଶଗଡର ୨ଟି ଅଲଗା ଅଲଗା ସ୍ଥାନରେ ଆଜି ମାଓବାଦୀଙ୍କ ଉପରେ ଗୁଳିବର୍ଷା କରିଛନ୍ତି ଯବାନ । ବିଜାପୁର ଏବଂ କାଙ୍କେରରେ ସୁରକ୍ଷାକର୍ମୀଙ୍କ ଅପରେସନରେ ନିପାତ ହୋଇଛନ୍ତି ୩୦ ନକ୍ସଲ । ଯାହା ନକ୍ସଲ ମୁକ୍ତ ଅଭିଯାନକୁ ଆହୁରି ବଳ ଦେଇଛି । ତେବେ ସୁରକ୍ଷା କର୍ମୀଙ୍କ ଏହି ସଫଳତାକୁ ଭୁରି ଭୁରି ପ୍ରଶଂସା କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା । ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ଶାହା ଲେଖିଛନ୍ତି- ଆଜି ଆମ ଯବାନମାନେ 'ନକ୍ସଲ ମୁକ୍ତ ଭାରତ ଅଭିଯାନ' ଦିଗରେ ଆଉ ଏକ ବଡ଼ ସଫଳତା ହାସଲ କରିଛନ୍ତି । ଛତିଶଗଡର ବିଜାପୁର ଏବଂ କାଙ୍କେରରେ ଆମର ସୁରକ୍ଷା ବାହିନୀ ଦୁଇଟି ପୃଥକ ଅପରେସନରେ ୩୦ ଜଣ ନକ୍ସଲଙ୍କୁ ନିପାତ କରିଛନ୍ତି । ଯାହା ଆମ ପାଇଁ ବଡ କଥା । ମୋଦୀ ସରକାର ନକ୍ସଲଙ୍କ ବିରୁଦ୍ଧରେ ଏକ ନିର୍ଦ୍ଦୟ ଆଭିମୁଖ୍ୟ ସହ ନକ୍ସଲମାନଙ୍କ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି । ତେବେ ଏଥିସହ ଏକ ବଡ ଘୋଷଣା କରିଛନ୍ତି ଶାହା । କହିଛନ୍ତି ଆସନ୍ତା ବର୍ଷ ମାର୍ଚ୍ଚ ୩୧ ପୂର୍ବରୁ ଦେଶ ନକ୍ସଲ ମୁକ୍ତ ହେବାକୁ ଯାଉଛି ।

ଏପ୍ରିଲ ୧ରୁ ଗୋଆକୁ ସିଧା ବିମାନ

ଭୁବନେଶ୍ୱର,୨୦/୩: ରାଜଧାନୀ ଭୁବନେଶ୍ୱର ଏବଂ ଗୋଆ ମଧ୍ୟରେ ସିଧାସଳଖ ବିମାନ ସେବା ଏପ୍ରିଲ ୧ରୁ ଆରମ୍ଭ ହେବ। ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ମିଳିଛି । ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଗୋଆର ଡାବୋଲିମ୍ ବିମାନବନ୍ଦର ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ ହେବ । ଘରୋଇ ବିମାନ କମ୍ପାନୀ ଇଣ୍ଡିଗୋ ଓଡ଼ିଶା ସରକାରଙ୍କ ନୂତନ ଗନ୍ତବ୍ୟ ନୀତି ଅନୁଯାୟୀ ସପ୍ତାହରେ ଚାରି ଦିନ – ମଙ୍ଗଳବାର, ବୁଧବାର, ଗୁରୁବାର ଏବଂ ଶନିବାର ପାଇଁ ବିମାନ ସେବା ଯୋଗାଇବ। ଏହି ପଦକ୍ଷେପ ପର୍ଯ୍ୟଟନ, ବାଣିଜ୍ୟ ଏବଂ ଅନ୍ୟାନ୍ୟ ଆର୍ଥିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଏବଂ ଗୋଆ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉଲ୍ଲେଖନୀୟ ଯେ ଭୁବନେଶ୍ୱର ମାର୍ଚ୍ଚ ୩୦ ତାରିଖରୁ ଉତ୍ତରପ୍ରଦେଶର ଗାଜିଆବାଦ ଏବଂ ଆଣ୍ଡାମାନ ଏବଂ ନିକୋବରର ପୋର୍ଟ ବ୍ଲେୟାର ସହିତ ବିମାନ ଯୋଗେ ସଂଯୋଗ ହେବ। ଏୟାର ଇଣ୍ଡିଆ ଏକ୍ସପ୍ରେସ ମାର୍ଚ୍ଚ ୩୦ ତାରିଖରେ ସହରର ଭୁବନେଶ୍ୱରରୁ ଗାଜିଆବାଦର ହିଣ୍ଡନ ବିମାନବନ୍ଦର ଏବଂ ପୋର୍ଟ ବ୍ଲେୟାରର ବୀର ସାଭରକର ଅନ୍ତର୍ଜାତୀୟ ବିମାନବନ୍ଦରକୁ ଦୈନିକ ବିମାନ ସେବା ଆରମ୍ଭ କରିବ।

ରାଜ୍ୟମାନଙ୍କ ଉପରେ ଅସନ୍ତୋଷ ଝାଡ଼ିଲେ ସୁପ୍ରିମ୍‌କୋର୍ଟ

ବିକାଶ ଦର୍ଶାଇବା ବେଳେ କହୁଛ ମୁଣ୍ଡପିଛା ଆୟ ବଢୁଛି

ନୂଆଦିଲ୍ଲୀ,୨୦/୩: ଅର୍ଥନୈତିକ ବିକାଶକୁ ବଢ଼ାଇ ଚଢ଼ାଇ ପ୍ରଦର୍ଶନ କରୁଥିବା ରାଜ୍ୟଗୁଡ଼ିକୁ ସୁପ୍ରିମ୍‌କୋର୍ଟ କେତେକ କଡ଼ା ପ୍ରଶ୍ନ ପଚାରିଛନ୍ତି। ଅର୍ଥନୈତିକ ବିକାଶକୁ ଦର୍ଶାଇବା ବେଳେ ମୁଣ୍ଡପିଛା ଆୟ ବଢୁଛି ବୋଲି କହୁଛ। କିନ୍ତୁ ସବ୍‌ସିଡି କଥା ଉଠିଲେ କହୁଛ ରାଜ୍ୟରେ ୭୫ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଉଭୟ ତଥ୍ୟ ପରସ୍ପରର ବିରୋଧାଭାସ କରୁଥିବା କୋର୍ଟ କହିଛନ୍ତି। ଏକ ମାମଲାର ଶୁଣାଣି ବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଏନ୍ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ କହିଛନ୍ତି ଯେ ଯେଉଁମାନେ ପ୍ରକୃତରେ ଗରିବ, ସେମାନେ ସବ୍‌ସିଡିର ଲାଭ ପାଇବାକୁ ଯୋଗ୍ୟ। ଏବେ କିନ୍ତୁ ରାସନ୍ କାର୍ଡ ଦେଶର ସବୁଠୁ ଲୋକପ୍ରିୟ କାର୍ଡ ହୋଇଛି। ରାଜ୍ୟଗୁଡ଼ିକ କହୁଛନ୍ତି ଯେ ଆମେ ବହୁ ସଂଖ୍ୟାରେ କାର୍ଡ ଜାରି କରିଛୁ। ବିକାଶ ହେଉଛି, ଗରିବ ବି ଅଛନ୍ତି। ଉଭୟ ଯୁକ୍ତିରେ ଦ୍ୱନ୍ଦ୍ୱ ରହୁଥିବା କୋର୍ଟ କହିଛନ୍ତି। ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କୋର୍ଟଙ୍କୁ କହିଥିଲେ ଯେ ଦେଶର କିଛି ହାତଗଣତି ଲୋକଙ୍କ ପାଖରେ ବିପୁଳ ସମ୍ପତ୍ତି ଥିବା ବେଳେ ଅନ୍ୟ ଲୋକମାନଙ୍କ ମୁଣ୍ଡପିଛା ଆୟ ଯଥେଷ୍ଟ କମ୍ ରହିଛି। ଧନୀ ଲୋକମାନେ ଆହୁରି ଧନୀ ହେଉଥିବା ବେଳେ ଗରିବ ଲୋକମାନେ ଗରିବ ହୋଇଚାଲିଛନ୍ତି। ଇ-ଶ୍ରମ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ୮ କୋଟି ପ୍ରବାସୀ ଶ୍ରମିକଙ୍କୁ ମାଗଣାରେ ରାସନ୍ ଉପଲବ୍ଧ କରାଇବାକୁ ସେ ଦାବି କରିଥିଲେ। କେନ୍ଦ୍ର ସରକାର ଜନଗଣନା କରୁନଥିବା ବେଳେ ୨୦୧୧ର ଜନଗଣନା ତଥ୍ୟ ଆଧାରରେ ଯୋଜନା ଲାଗୁ କରୁଛନ୍ତି। ସେଥିପାଇଁ ୧୦ କୋଟି ଯୋଗ୍ୟ ଗରିବ ଲୋକ ମାଗଣା ରାସନ୍ ପାଉନାହାନ୍ତି ବୋଲି ସେ କହିଥିଲେ। ଏହି ମାମଲାରେ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟି କହିଥିଲେ ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୮୧.୩୫ କୋଟି ଲୋକଙ୍କୁ ମାଗଣା ରାସନ୍ ଦିଆଯାଉଥିବା ବେଳେ ଅନ୍ୟ ଏକ ଯୋଜନାରେ ଆଉ ୧୧ କୋଟି ଲୋକଙ୍କୁ ସେହି ସୁବିଧା ମିଳୁଛି। ଏହି ମାମଲାରେ ମାଗଣା ରାସନ୍ ଉପରେ ପ୍ରତିକ୍ରିୟା ରଖିବାକୁ କେନ୍ଦ୍ରକୁ କୋର୍ଟ କହିଛନ୍ତି। ଗତବର୍ଷ ଡିସେମ୍ବରରେ ମାଗଣା ଯୋଜନା ଉପରେ ମଧ୍ୟ ସୁପ୍ରିମକୋର୍ଟ କେତେକ କଡ଼ା ପ୍ରଶ୍ନ କରିଥିଲେ।

ଆଜିଠୁ ସକାଳୁଆ ସ୍କୁଲ

ଭୁବନେଶ୍ୱର,୨୦/୩: ବର୍ଦ୍ଧିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ପାଠପଢ଼ାରେ ସମୟ ପରିବର୍ତ୍ତନ କରାଯାଇଛି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏନେଇ ବିଜ୍ଞପ୍ତି ପ୍ରକାଶ କରିଛି। ବିଜ୍ଞପ୍ତି ଅନୁସାରେ ଆସନ୍ତାକାଲି (ଶୁକ୍ରବାର) ଠାରୁ ବିଦ୍ୟାଳୟଗୁଡ଼ିକରେ ସକାଳୁଆ ପାଠ ପଢ଼ା ହେବ। ଛାତ୍ରଛାତ୍ରୀମାନେ ସକାଳ ୬ଟା ୩୦ରୁ କ୍ଲାସ ଆରମ୍ଭ କରିବେ। ପାଠପଢ଼ା ସକାଳ ୬ଟା ୩୦ରୁ ଆରମ୍ଭ ହୋଇ ୧୦ଟା ୩୦ ପର୍ଯ୍ୟନ୍ତ ଜାରି ରହିବ। ଏହି ନିୟମ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ଲାଗୁ ହେବ। ସକାଳୁଆ ସ୍କୁଲ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ, ନିୟମ ତତକ୍ଷଣାତ୍ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳମାନଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ମଧ୍ୟ ପଠାସରିଛି। ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଦିନକୁ ଦିନ ତାପମାତ୍ର ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି। ମାର୍ଚ୍ଚ ମାସରୁ ତାପମାତ୍ରା ୪୦ ଡିଗ୍ରି ପାର କରିଛି। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସକାଳୁଆ ସ୍କୁଲ ନିଷ୍ପତ୍ତି ନେଇ ପାରନ୍ତି ବୋଲି କୁହାଯାଉଥିଲା। ପୂର୍ବରୁ ଯାହା ଅନୁମାନ କରାଯାଉଥିଲା, ତାହା ହିଁ ହୋଇଛି। ସେହିପରି ଅଙ୍ଗନବାଡ଼ିରେ ପାଠପଢ଼ା ନେଇ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆସନ୍ତା ଅପ୍ରେଲ୍ ୨ରୁ ସକାଳୁଆ ପାଠ ପଢ଼ା ହେବ ବୋଲି କହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଆସନ୍ତା ୨ ତାରିଖ ଠାରୁ ସକାଳ ୭ଟାରୁ ୯ଟା ଯାଏଁ ଅଙ୍ଗନବାଡି କେନ୍ଦ୍ର ଚାଲିବ। ତାତି ବଢ଼ିଲେ ଅଙ୍ଗନବାଡି କେନ୍ଦ୍ର ଛୁଟି ସହିତ ଛୁଆଙ୍କ ପାଇଁ ଖାଦ୍ୟ ହୋମ୍ ଡେଲିଭରି କରାଯିବ। ଏତଦ୍ ବ୍ୟତୀତ ଦିନ ୧୧ଟାରୁ ଅପରାହ୍ନ ୩ଟା ଯାଏ ଶ୍ରମିକମାନଙ୍କ କାମ ବନ୍ଦ ରହିବ। ଖିଲାପ କଲେ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଓଡ଼ିଶାରେ ରହିଛି ଭରପୁର ସୁନା ଖଣି: ମନ୍ତ୍ରୀ

ଭୁବନେଶ୍ୱର,୨୦/୩: ଓଡ଼ିଶାରେ ରହିଛି ଭରପୁର ସୁନା ଖଣି । ଦେବଗଡ଼ କେନ୍ଦୁଝର ପରେ ସୁନ୍ଦରଗଡ, ନବରଙ୍ଗପୁର, ଅନୁଗୁଳ, କୋରାପୁଟ, ମାଲକାନଗିରି, ସମ୍ବଲପୁର ଓ ବୌଦ୍ଧ ଜିଲ୍ଲାରେ ବି ସୁନା ଖଣି ଥିବା ସୂଚନା ମିଳିଛି ।ସେହିପରି ମୟୂରଭଞ୍ଜ ଜିଲ୍ଲାର ଯଶିପୁର, ସୁରିଆଗୁଡା, ରୁଆଁସି, ଇଡେଲକୁଚା, ମାରେଡ଼ିହି ଓ ସୁଲେଇପାଟ (ଧୂସୁରା ପାହାଡ) ଏବଂ ବାଦାମପାହାଡ ଅଞ୍ଚଳରେ ସୁନାଖଣି ଅନ୍ୱେଷଣ ନିମନ୍ତେ ପ୍ରାରମ୍ଭିକ ଅନୁସନ୍ଧାନ ଜାରି ରହିଛି। ପୂର୍ବରୁ ରାଜ୍ୟରେ ଦେବଗଡ ଜିଲ୍ଲାର ଆଡାସ-ରାମପାଲ୍ଲୀ ଅଞ୍ଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସର୍ବେକ୍ଷଣସଂସ୍ଥା ଦ୍ୱାରା ତମ୍ବାପଥର ପାଇଁ ଜି-୨ ସ୍ତରରେ ଅନ୍ୱେଷଣ କଲାବେଳେ ସୁନାପଥରର ସନ୍ଧାନ ମିଳିଛି ।କେନ୍ଦୁଝର ଜିଲ୍ଲାର ଗୋପୁର-ଗାଜିପୁର ମାଙ୍କଡବୁଆଁ, ସଲେଇକଣା, ଡିମିରିମୁଣ୍ଡା ଅଞ୍ଚଳରେ ସୁନାଖଣି ଚିହ୍ନଟ ପାଇଁ ଅନୁସନ୍ଧାନ କାର୍ଯ୍ୟ ଚାଲୁ ରହିଛି। ଏ ନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଖଣି ମନ୍ତ୍ରୀ ବିଭୂତି ଜେନା ।

ଓୟୁଏଟିକୁ ଅକ୍ଷମ କରିବାକୁ ଚକ୍ରାନ୍ତ

ବନ୍ଦ ହେବ ଟିସୁ କଲ୍‌ଚର ଗବେଷଣା

ଭୁବନେଶ୍ୱର,୨୦/୩: ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)କୁ ଅକ୍ଷମ କରିବାକୁ ଆଉ ଏକ ଷଡ଼ଯନ୍ତ୍ର। ଧାନ, ଆଳୁ ସମେତ ଅନ୍ୟାନ୍ୟ ଶସ୍ୟ ଗବେଷଣା ହେଉଥିବା ଜମି ହାତେଇବା ପରେ ଏବେ ଟିସୁ କଲ୍‌ଚର କେନ୍ଦ୍ର ଜମି ଉପରେ ରାଜ୍ୟ ସରକାରଙ୍କ ନଜର ପଡ଼ିଛି। ବରମୁଣ୍ଡାରେ ପାଖାପାଖି ୧୦ ଏକର ପରିମିତ 'ଟି' ଆକୃତିରେ ଛିଡ଼ା ହୋଇଥିବା ଏହି ଜମି ଉପରେ ୧୦୦ ଫୁଟିଆ ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି। ଏହା ଆଖପାଖରେ ଥିବା ଓୟୁଏଟି ଗବେଷଣା ଜମିଗୁଡ଼ିକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ନେବା ସହ ସେଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି। ଏବେ ଟିସୁ କଲ୍‌ଚର କେନ୍ଦ୍ର ଜମିକୁ ରାଜ୍ୟ ସରକାର ନେବା ପରେ ଏଠାରେ ଚାଲିଥିବା କଦଳୀ, ଆଖୁ, ଗୋଲାପ, ଜର୍ବେରା, ଆନ୍ଥୁରିୟମ, ଅର୍କିଡ୍, ଲିଲିୟମ୍ ସମେତ ବିଭିନ୍ନ ପ୍ରଜାତିର ଟିସୁ ଗବେଷଣା ପ୍ରଭାବିତ ହେବାକୁ ଯାଉଛି। ତଥ୍ୟ ଅନୁଯାୟୀ ଟିସୁ କଲ୍‌ଚର କେନ୍ଦ୍ର ମଧ୍ୟ ଦେଇ ଏକ ୧୦୦ ଫୁଟିଆ ରାସ୍ତା ନିର୍ମାଣ କରାଯିବ। ଏହି ରାସ୍ତା ବିଏସ୍‌ଏବିଟି ପଛପାର୍ଶ୍ୱରେ ନିର୍ମାଣ ହେବାକୁ ଥିବା ଏକ ପ୍ରକଳ୍ପକୁ ସଂଯୋଗ କରିବ। ଟିସୁ କଲ୍‌ଚର କେନ୍ଦ୍ର ମଧ୍ୟ ଭାଗରେ ଯିବାକୁ ଥିବା ଏହି ରାସ୍ତା ଜାତୀୟ ରାଜପଥରୁ ସିଧାସଳଖ ପ୍ରକଳ୍ପକୁ ସଂଯୋଗ କରିବ। ଏବେ ଗବେଷଣା କେନ୍ଦ୍ରରେ ଛିଡ଼ା ହୋଇଥିବା ୨୦୦ ଫୁଟ ଲମ୍ବ ଓ ୨୦୦ ଫୁଟ ଚଉଡ଼ା ବିଶିଷ୍ଟ କୋଠାର ଠିକ୍ ମଝିରେ ଏହି ରାସ୍ତା ଯିବ। ଫଳରେ କୋଠାର ଉଭୟ ପାର୍ଶ୍ୱରେ ୫୦ ଫୁଟ ଲେଖାଏଁ ଆଉ ରହିବ, ଯାହାକି ଭବିଷ୍ୟତରେ କୌଣସି କାମରେ ଲାଗିପାରିବ ନାହିଁ। ପୂର୍ତ୍ତ ବିଭାଗ ସମେତ ବିଡିଏ ଅଧିକାରୀମାନେ ଏହାର ନକ୍ସା ପ୍ରସ୍ତୁତ କରି ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନେଇଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିବାଦ କରୁଥିଲେ ମଧ୍ୟ ରାଜ୍ୟ ସରକାର ନିଜ ନିଷ୍ପତ୍ତିରେ ଅଟଳ ଅଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ରାସ୍ତା ବୁଲାଇ ନେବାକୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଅଧିକାରୀମାନେ ସିଧା ରାସ୍ତା ନିର୍ମାଣ ଜିଦ୍‌ରେ ଅଡ଼ି ବସିଛନ୍ତି। ସିଡିପି(କ୍ୟାପିଟାଲ ଡେଭଲପ୍‌ମେଣ୍ଟ ପ୍ଲାନିଂ) ଅନୁଯାୟୀ ଏଭଳି ନିଷ୍ପତ୍ତି ନିଆଯାଇଥିବା ଅଧିକାରୀମାନେ ଯୁକ୍ତି ବାଢ଼ିବା ସହ ମାପଚୁପ ଆରମ୍ଭ କରିଥିବା ଜଣାପଡ଼ିଛି। ଏଭଳି ଏକ ଗବେଷଣା ଜମି ଓୟୁଏଟି ହାତରୁ ଯିବା ପରେ ବିଶ୍ୱବିଦ୍ୟାଳୟ ଟିସୁ ଗବେଷଣା ସବୁଦିନ ପାଇଁ ବନ୍ଦ ହୋଇଯିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଓୟୁଏଟି ପ୍ରତିଷ୍ଠା ହେବା ଦିନରୁ ଓଡ଼ିଶାର ଚାଷୀଙ୍କୁ ଅନେକ କିସମର ଟିସୁ କଲ୍‌ଚର ଭେଟି ଦେଇଥିବା ଏହି କେନ୍ଦ୍ର ୨୦୧୯ ବାତ୍ୟା ସମୟରେ ବହୁ ପରିମାଣରେ ପ୍ରଭାବିତ ହୋଇଥିଲା। କେନ୍ଦ୍ର ପରିସରରେ ଥିବା ୧୦ଟି ପଲି ସେଡ୍‌ନେଟ୍ ଓ ସେଡ୍‌ନେଟ୍ ହାଉସ୍ ଭାଙ୍ଗିଥିଲା। ଏମିତିକି ଉଦ୍‌ଘାଟନ ହେବାକୁ ଥିବା ୫ଟି ପଲିସେଡ୍ ଓ ସେଡ୍‌ନେଟ୍ ହାଉସ୍ ଭାଙ୍ଗିରୁଜି ଯାଇଥିଲା। ବିଭିନ୍ନ ଗ୍ରିନ୍ ହାଉସ୍‌ରେ ଥିବା ୧.୫ଲକ୍ଷ ଟିସୁ କଲ୍‌ଚର ଯଥା ୫୦ ହଜା

ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦/୩: ହସ୍ତତନ୍ତ ଆମ ଗୌରବମୟ ଐତିହ୍ୟର ପ୍ରତୀକ । ଏହା ଆମର ପରିଚୟ। ଓଡ଼ିଆ ଅସ୍ମିତାର ନିଛକ ନିଦର୍ଶନ। ହଜାର ହଜାର ହସ୍ତତନ୍ତ କାରିଗରମାନଙ୍କୁ ଏହା କେବଳ ଜୀବନ ଜୀବିକା ଯୋଗାଇନି ବରଂ ସ୍ୱାବଲମ୍ବୀ ହେବାର କଳା ଶିଖାଇଛି। ଏହି ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ଓ ଅଙ୍ଗୀକାରବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରର ଜନତା ମଇଦାନ ଠାରେ ଆୟୋଜିତ ''୧୯ତମ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା''ର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଛନ୍ତି। ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନତାଙ୍କୁ ଭାବବିହ୍ୱଳ ହୋଇ କହିଥିଲେ ଯେ, ପୂର୍ବରୁ ଏହି ମେଳାକୁ ମୁଁ ଅନେକବାର ବୁଲିବା ପାଇଁ ଆସିଛି। ଆଜି ଓଡ଼ିଶାର ପ୍ରଧାନ ସେବକ ଭାବେ ମତେ ସୁଯୋଗ ମିଳିଲା ଆପଣଙ୍କ ସହିତ ଏଠାରେ ସାମିଲ ହେବା ପାଇଁ, କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ମୁଁ ଏହାକୁ ହାତଛଡ଼ା କଲିନାହିଁ । ମୁଖ୍ୟମନ୍ତ୍ରୀ ବୁଣାକାର ଓ କାରିଗରମାନଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ, ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ହେଉଛି ଆମ କଳାର ଏକ ସ୍ୱତନ୍ତ୍ର ପରିଚୟ । ସମଗ୍ର ଓଡ଼ିଆ ଜାତିକୁ ଏହା କଳାର ଏକତା ସୂତ୍ରରେ ବାନ୍ଧି ରଖିଛି । ଏହା ଓଡ଼ିଆ ଅସ୍ମିତାର ପରିଚୟ ଭାବେ ମଧ୍ୟ ଏକ ଗୌରବମୟ ସ୍ୱାକ୍ଷର ବହନ କରୁଛି । ହସ୍ତକଳା, ହସ୍ତଶିଳ୍ପ, ହସ୍ତତନ୍ତର ପ୍ରସ୍ତୁତ କରିବା ପ୍ରକ୍ରିୟା ଆଜି ମଧ୍ୟ ବେଶୀ କିଛି ବଦଳି ନାହିଁ। ସେଥିପାଇଁ ତ ହାତରେ ପ୍ରସ୍ତୁତ ହସ୍ତକଳା, ହସ୍ତତନ୍ତ ଲୁଗାର ଚାହିଦା ଏବଂ ଆଦର ବହୁତ ଅଧିକ। ଏହାର କାରଣ ହେଉଛି ଆମର ହସ୍ତଶିଳ୍ପୀଙ୍କ ହାତରେ ଥିବା ଯାଦୁର ମୂଲ୍ୟ। ତେଣୁ, ହସ୍ତଶିଳ୍ପ, ହସ୍ତତନ୍ତ ପ୍ରସ୍ତୁତ ଲୁଗାର ଚାହିଦା ସବୁବେଳେ ଥିଲା, ଏବଂ ସବୁବେଳେ ରହିଥିବ। ସେ ଆହୁରି ମଧ୍ୟ କହିଥିଲେ ଯେ, ଆମ ଦେଶରେ ଖଦି ଏବଂ ଗ୍ରାମ୍ୟଦ୍ୟୋଗ ଆୟୋଗ (KVIC) ବଜାର ଏବଂ ଶିଳ୍ପୀ ଓ ବୁଣାକାରଙ୍କ ମଧ୍ୟରେ ସେତୁ ଭଳିଆ କାମ କରିଥାଏ। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାର କିଛି ମାସ ଭିତରେ ସମସ୍ତଙ୍କୁ ଖଦି ପିନ୍ଧିବା ପାଇଁ ବାର୍ତ୍ତା ଦେଇଥିଲେ ଏବଂ ନିଜେ ମଧ୍ୟ ଖଦିକୁ ପରିଧାନ ଭାବେ ବ୍ୟବହାର କରିଥିଲେ। ପରବର୍ତ୍ତୀ ସମୟରେ ଖଦି ପିନ୍ଧିବା ଏକ fashion ବିପ୍ଳବରେ ପରିଣତ ହୋଇଥିଲା ଏବଂ ଆମ ଯୁବ ସମାଜ ମଧ୍ୟ ଆଜି ଖଦି ବହୁଳ ଭାବେ ବ୍ୟବହାର କରିବା ଆରମ୍ଭ କରିଦେଇଛନ୍ତି। ହସ୍ତତନ୍ତ, ହସ୍ତଶିଳ୍ପର ବଜାର ଅଛି, ଆଦର ଅଛି। ଏହି କ୍ଷେତ୍ର ଯଦି କିଛି ଆବଶ୍ୟକ କରେ ତାହା ହେଉଛି ପୃଷ୍ଠପୋଷକତା, ବିଶେଷ ଭାବେ ସରକାରୀ ପ୍ରୋତ୍ସାହନ। ମାନନୀୟ ମୋଦୀଜୀ ଏହାକୁ ହୃଦୟଙ୍ଗମ କରି ଏହି କ୍ଷେତ୍ରକୁ ଅଧିକରୁ ଅଧିକ ବଜେଟ ପ୍ରବଧାନ କରିଥିଲେ, ନୂଆ ନୂଆ ଯୋଜନା ମଧ୍ୟ ପ୍ରଣୟନ କରିଛନ୍ତି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ହସ୍ତଶିଳ୍ପ ଓ ହସ୍ତତନ୍ତ ହେଉଛି ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ । ଅର୍ଥନୀତି ବିକାଶରେ ମା' ଓ ଭଉଣୀମାନଙ୍କର ବଡ଼ ଭୂମିକା ରହିଛି । ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମା' ଓ ଭଉଣୀମାନେ ସଂଘବଦ୍ଧ ହୋଇ ଯେଉଁ କାମରେ ହାତ ଦେଇଛନ୍ତି, ସେହି କାମର ଫଳାଫଳ ସ୍ୱରୂପ ଏହିସବୁ କୃତିତ୍ୱ ଆଜି ବିଭିନ୍ନ ଷ୍ଟଲ୍ ରେ ପ୍ରଦର୍ଶିତ ହେଉଛି। ୧ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କୁ ନିକଟରେ ଆମେ ସୁଭଦ୍ରା ସହାୟତା ଯୋଗାଇ ଦେଇଛୁ। ଏହି ସହାୟତା ରାଶି ସେମାନଙ୍କୁ ଏ କ୍ଷେତ୍ରରେ

ମଧ୍ୟ ସହାୟକ ହେବ। ଓଡ଼ିଶାର ଅନେକ ହସ୍ତତନ୍ତ ସାମଗ୍ରୀ ଭୌଗୋଳିକ ସୂଚକାଙ୍କ ମାନ୍ୟତା ବା GI TAG ପାଇ ରାଜ୍ୟର ଗୌରବକୁ ବଢାଇଛି । ରାଜ୍ୟରେ ହସ୍ତଶିଳ୍ପର ବିକାଶ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ ହସ୍ତଶିଳ୍ପର ପ୍ରୋତ୍ସାହନ ପାଇଁ ଆମେ ୫୨ କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରଖିଛୁ । ସେହିପରି ବୟନ ଶିଳ୍ପର ପ୍ରୋତ୍ସାହନ ପାଇଁ ୧ ଶହ ୨୨ କୋଟି ଏବଂ ହସ୍ତତନ୍ତ ଶିଳ୍ପ ପ୍ରୋତ୍ସାହନ ପାଇଁ ମଧ୍ୟ ୧ ଶହ ୨୨ କୋଟି ଟଙ୍କାର ପ୍ରସ୍ତାବ ରହିଛି । ଚଳିତ ବର୍ଷ ୬ ହଜାର କାରିଗରଙ୍କୁ ଦକ୍ଷତା ପ୍ରଶିକ୍ଷଣ ଦେବାର ଯୋଜନା ରହିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୯ଟି ହସ୍ତଶିଳ୍ପ ଉତ୍ପାଦକୁ GI Tag ମାନ୍ୟତା ଦେବା ପାଇଁ ଆବେଦନ କରାଯିବ । ଏହା ସହିତ ୫୫୦ ଜଣ କାରିଗରଙ୍କୁ ''ୱାର୍କ ସେଡ୍ ନିର୍ମାଣ'' ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ । ଏଥି ସହିତ ୧୦୦ କାରିଗରଙ୍କୁ ନିଜସ୍ୱ ଉତ୍ପାଦନ ୟୁନିଟ ସ୍ଥାପନ ପାଇଁ ବ୍ୟାଙ୍କ ଫାଇନାନ୍ସ ଓ ମାର୍ଜିନ ମନି ଯୋଗାଇ ଦିଆଯିବ। କଣ୍ଟିଲୋ, ପିପିଲି, ବାଲିଯୋର, ହୀରାକୁଦ ଅଞ୍ଚଳ, କଟକ ଓ କୋଟପାଡ଼କୁ ଐତିହ୍ୟ କ୍ରାଫ୍ଟ ଏବଂ ବୁଣାକାର ଗ୍ରାମ ଭାବେ ବିକଶିତ କରାଯିବା ସହ ପର୍ଯ୍ୟଟନକୁ ହସ୍ତଶିଳ୍ପ ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦେଇ ଅତିରିକ୍ତ ଭିତ୍ତିଭୂମି ସୃଷ୍ଟି କରାଯିବ । ଏହି ମେଳା, ଓଡ଼ିଶା ତଥା ଅନ୍ୟ ରାଜ୍ୟର କାରିଗର ଓ ବୁଣାକାରମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା ସହ ଜୀବିକା ଅର୍ଜନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିଛି ବୋଲି ସେ କହିଥିଲେ।ସୂଚନା ଥାଉକି, ଏହି ମେଳା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୩ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି ମେଳାରେ ୧୫ରୁ ଅଧିକ ରାଜ୍ୟର କାରିଗର ଏବଂ ବୁଣାକାର ଅଂଶଗ୍ରହଣ କରୁଛନ୍ତି । ଚଳିତବର୍ଷ ଏହି ମେଳାରେ ୬୫୦ରୁ ଅଧିକ ଷ୍ଟଲର ଆୟୋଜନ ହୋଇଛି ଏବଂ ଏହା ସହିତ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପାଇଁ ୩୫ ଗୋଟି ଷ୍ଟଲ ଆୟୋଜନ ହୋଇଛି । ମୁଖ୍ୟମନ୍ତ୍ରୀ ପ୍ରଥମେ ଜନତା ମଇଦାନ ଠାରେ ପହଞ୍ଚି ମେଳାକୁ ଉଦ୍‌ଘାଟନ କରିବା ସହିତ ଷ୍ଟଲଗୁଡ଼ିକ ବୁଲି ଦେଖିଥିଲେ । କାର୍ଯ୍ୟକ୍ରମରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳସାମନ୍ତ କହିଲେ ଯେ, ଏ ମାଟିର ପ୍ରତ୍ୟେକ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ରହିଛି ଏକ ନିଆରା ଆକର୍ଷଣ ଏବଂ ଭିନ୍ନ କାହାଣୀ। ଏହା ଆମ ସଂସ୍କୃତିର ପରିଚୟ ଓ ଓଡ଼ିଆ ଅସ୍ମିତାର ଗରିମାମୟ ଚମକ୍। ବୁଣାକାର ଓ କାରିଗରଙ୍କ ଆର୍ଥିକ ସ୍ୱଚ୍ଛଳତା ଦିଗରେ ଏ ମେଳା ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଏବଂ ମହିଳା ସଶକ୍ତିକରଣ, ଆତ୍ମନିର୍ଭରଶୀଳତା ଓ ଜୀବନଜୀବିକାର ସୁରକ୍ଷା ପାଇଁ ଏହି ମେଳା ଉତ୍ସର୍ଗୀକୃତ। କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ୍ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ମଧୁମିତା ରଥ ଓ ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ପ୍ରଣତି ଛୋଟରାୟ ଉପସ୍ଥିତ ଥିଲେ ।

ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ଭୁବନେଶ୍ୱର,୨୦/୩: ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ ଆଜି ରାଜଭବନରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟିଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ, ଡ. ବିଶ୍ୱାସ ମାନ୍ୟବର ରାଜ୍ୟପାଳଙ୍କୁ ଏମ୍‌ସ ଭୁବନେଶ୍ୱରରେ ରୋଗୀ ସେବା ସହିତ ଜଡିତ ଅନେକ ପ୍ରମୁଖ ବିକାଶମୂଳକ ପ୍ରସଙ୍ଗ ବିଷୟରେ ଅବଗତ କରାଇଥିଲେ। ଡ. ବିଶ୍ୱାସ ଅନୁଷ୍ଠାନରେ ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟସେବା ସେବାକୁ ଆହୁରି ଉନ୍ନତ କରିବା ପାଇଁ ଜାରି ରହିଥିବା ବିଭିନ୍ନ ପଦକ୍ଷେପ ଏବଂ ରଣନୀତି ଉପରେ ମଧ୍ୟ ଆଲୋଚନା କରିଥିଲେ। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ସ୍ୱାସ୍ଥ୍ୟସେବା ପ୍ରତି ଏମ୍‌ସ ଭୁବନେଶ୍ୱର ଗ୍ରହଣ କରିଥିବା ବ୍ୟାପକ ଏବଂ ସାମଗ୍ରିକ ଆଭିମୁଖ୍ୟ ଏବଂ ସମାଜ ଉପରେ ଏହାର ସକାରାତ୍ମକ ପ୍ରଭାବ ପାଇଁ ପ୍ରଶଂସା କରିଥିଲେ। ରାଜ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନକୁ ଆଗକୁ ବଢ଼ାଇବାରେ ରାଜ୍ୟପାଳ ଏପରି ପ୍ରତିଷ୍ଠାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଗବେଷଣାରେ ଅବଦାନ ପାଇଁ ଏମ୍‌ସ ଭୁବନେଶ୍ୱରକୁ ପ୍ରଶଂସା କରିଥିଲେ। ରାଜ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନକୁ ଆଗକୁ ବଢ଼ାଇବାରେ ରାଜ୍ୟପାଳ ଏପରି ପ୍ରତିଷ୍ଠାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଗବେଷଣାରେ ଅବଦାନ ପାଇଁ ଏମ୍‌ସ ଭୁବନେଶ୍ୱରକୁ ପ୍ରଶଂସା କରିଥିଲେ। ଦେଶର ଜଣେ ବିଶିଷ୍ଟ ଶିକ୍ଷାବିତ ତଥା ଓଡ଼ିଶାର ରାଜ୍ୟପାଳଙ୍କ ସହିତ ହୋଇଥିବା ଏହି ପ୍ରେରଣାଦାୟୀ ବୈଠକରେ ସ୍ୱାସ୍ଥ୍ୟସେବା ଏବଂ ବିକାଶ ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିବା ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଏହି ସାକ୍ଷାତକାରରେ ଏମ୍‌ସ ଭୁବନେଶ୍ୱର ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର ମଧ୍ୟ ଉପସ୍ଥିତ ଥିଲେ।

ଜଳ ସଙ୍କଟରେ ଘାଣ୍ଟି ହେଉଛି ନୟାଗଡ଼

ନୟାଗଡ଼,୨୦/୩: ଗ୍ରୀଷ୍ମ ଆସିଲେ ପାନୀୟ ଜଳ ପାଇଁ ନୟାଗଡ଼ ଜିଲ୍ଲାବାସୀଙ୍କୁ ବହୁ ହଇରାଣ ହେବାକୁ ପଡୁଛି। ଏମିତିକି ଚୁଆ ଓ ନାଳ ପାଣି ପାଇଁ ବି ଲୋକମାନଙ୍କୁ ସଂଘର୍ଷ କରିବାକୁ ପଡୁଛି। ରାତି ପାହିଲେ ମୁଣ୍ଡ ଓ କାଖରେ ଗରା ଧରି ମହିଳାମାନେ ପାଣି ପାଇଁ ବାହାରକୁ ଯାଉଛନ୍ତି। ଜିଲ୍ଲାର ୮ଟି ଯାକ ବ୍ଲକ୍‌ରେ ଏବେ ଏହି ଅବସ୍ଥା। ନୂଆଗାଁ ବ୍ଲକ୍‌ର ଯଦୁପଲ୍ଲୀ ଗାଁ ହେଉ ଅବା ଓଡ଼ଗାଁ ବ୍ଲକ୍ ବାଣ୍ଡପୁର ପଞ୍ଚାୟତର ଏକାଧିକ ଗାଁ କିମ୍ବା ଭାପୁର ବ୍ଲକ୍‌ର ଧାନଚାଙ୍ଗଡ଼ା, ଲକ୍ଷ୍ମୀପ୍ରସାଦ, ପଦ୍ମାବତୀ ଓ କରବର ପଞ୍ଚାୟତ; ସବୁଠି ପାନୀୟ ଜଳର ଉତ୍କଟ ଅଭାବ। ଏପଟେ ୨୦୨୩ ଡିସେମ୍ବର ସୁଦ୍ଧା ବୃହତ୍ ପାନୀୟ ଜଳ ପ୍ରକଳ୍ପ ଶେଷ କରାଯିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲେ ସୁଦ୍ଧା ତାହା ଶେଷ ହୋଇ ପାରିନାହିଁ। ଚଳିତ ବର୍ଷ ମଧ୍ୟ ଏହା ଲୋକମାନଙ୍କ ଅଭାବ ପୂରଣ କରିପାରିବ ନାହିଁ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ନିର୍ଦ୍ଧାରିତ ସମୟରେ କାମ ସାରୁନଥିବାରୁ ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥାକୁ ଦୁଇ ଦୁଇ ଥର ଜରିମାନା ମଧ୍ୟ ଦେବାକୁ ପଡ଼ିଲାଣି। ଜିଲ୍ଲାପାଳ ଏ ଦିଗରେ ବାରମ୍ବାର ବୈଠକ କରି ପ୍ରକଳ୍ପର ସମୀକ୍ଷା କରୁଛନ୍ତି। ତଥାପି କିଛି ସୁଫଳ ମିଳୁନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ପ୍ରକଳ୍ପର ସ୍ଥିତି ସମ୍ପର୍କରେ ଜିଲ୍ଲା ପାନୀୟ ଜଳ ଓ ଜନସ୍ୱାସ୍ଥ୍ୟ

ଗ୍ରୀଷ୍ମ ଦିନେ ନାଳ ଓ ଚୁଆ ପାଣି ଭରସା

ବିଭାଗ (ଆରଡବ୍ଲୁଏସ୍‌ଏସ୍) ସ୍ପଷ୍ଟ ତଥ୍ୟ ପ୍ରଦାନ କରୁନାହିଁ। ଫଳରେ ଏହି ପ୍ରକଳ୍ପ କେବେ ଶେଷ ହେବ ତାହା ଜଣାପଡୁନାହିଁ। ନୟାଗଡ଼ ଜିଲ୍ଲା ସର୍ବଦା ପିଇବା ପାଣି ସମସ୍ୟା ସହ ଧନ୍ଦି ହେଉଛି। ସେଥିପାଇଁ ଏହି ପ୍ରକଳ୍ପକୁ ତୁରନ୍ତ ଶେଷ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିବା ସହ ବାରମ୍ବାର ନିର୍ଦ୍ଦେଶ ଦେଉଛନ୍ତି। ମାତ୍ର ଏହା କାର୍ଯ୍ୟକାରୀ ହେଉନାହିଁ। ବର୍ତ୍ତମାନ ସୁଦ୍ଧା ପଦ୍ମାବତୀ ନିକଟରୁ ଇନ୍‌ଟେକ୍ ୱେଲ୍ (ଗଭୀର କୂଅ)କୁ କେବଳ ପାଣି ଆସି ପାରିଛି। ଏହା ପରେ ଏହି ପାଣିକୁ ବିଶୋଧନାଗାରକୁ ଛଡ଼ାଯିବ ଓ ସେଠାରୁ ଗାଁକୁ ପହଞ୍ଚାଇ ଦିଆଯିବ। ଏଣୁ ଏହି ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ, ସମସ୍ତେ ଚାତକ ପରି ଚାହିଁ ରହିଛନ୍ତି। ଭାପୁର ବ୍ଲକ୍‌ର ପଦ୍ମାବତୀ ଗାଁ ମହାନଦୀ କୂଳରେ ଏହି ପ୍ରକଳ୍ପ ତିଆରି କରାଯାଉଛି। ସେଥିପାଇଁ ୫୩୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଠାରେ ଏକ ଗଭୀର କୂଅ ନିର୍ମାଣ କରାଯାଇଛି। ନଦୀରୁ ଏହି କୂଅକୁ ପାଣି ଆସିବା ପରେ ଏଠାରୁ ୧୬ କିମି ଦୂର ଖଣ୍ଡପଡ଼ା ବ୍ଲକ୍ ବସନ୍ତପୁର ଗାଁରେ ନିର୍ମାଣ କରାଯାଇଥିବା ପାଣି ବିଶୋଧନାଗାର ପ୍ଲାଣ୍ଟକୁ ଏହା ଆସିବ। ପରେ ଏଠାରୁ ବିଶୋଧନ କରାଯାଇ ଗାଁକୁ ଯୋଗାଇ ଦିଆଯିବ। ଅସ୍ଥାୟୀ ଭାବେ ବିଜୁଳି ସଂଯୋଗ କରାଯାଇ ଗଭୀର କୂଅରୁ ବିଶୋଧନାଗାର ପ୍ଲାଣ୍ଟକୁ ପାଣି ଅଣାଯାଉଥିଲା। ଆସନ୍ତା ସପ୍ତାହରେ ସ୍ଥାୟୀ ଭାବେ ବିଦ୍ୟୁତ୍ ସଂଯୋଗ କରାଯାଇ ପାଣି ବିଶୋଧନ କରିବାକୁ ଆରଡବ୍ଲ୍ୟୁଏସ୍‌ଏସ୍ ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପ ନିର୍ମାଣ ହେଲେ

ନୟାଗଡ଼, ଖଣ୍ଡପଡ଼ା, ଭାପୁର ଓ ନୂଆଗାଁ ବ୍ଲକ୍‌ର ୭୯ଟି ପଞ୍ଚାୟତବାସୀ ଉପକୃତ ହେବେ। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (ଆରଡବ୍ଲୁଏସ୍‌ଏସ୍) କନିଷ୍ଠ ଯନ୍ତ୍ରୀ ପ୍ରକାଶ ମହାନ୍ତି କୁହନ୍ତି, ସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରାଯିବା ପରେ ବିଶୋଧନାଗାରରୁ ପରୀକ୍ଷାମୂଳକ ଭାବେ ୭୯ଟି ପଞ୍ଚାୟତରେ ନିର୍ମାଣ କରାଯାଇଥିବା ଟାଙ୍କିକୁ ପାଣି ଯୋଗାଇ ଦିଆଯିବ। ସେଠାରୁ ପ୍ରତ୍ୟେକ ଗାଁକୁ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯିବ। ଯେହେତୁ ଦୀର୍ଘ ପଥ ଯାଏଁ ବିଦ୍ୟୁତ୍ ବ୍ୟବସ୍ଥା କରାଯିବ, ସେଥିପାଇଁ ସମସ୍ୟା ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

୭ ସୂତାକଳ, ୮ ଲୁଗାକଳ ଅଚଳ

ଭୁବନେଶ୍ୱର, ୨୦/୩: ରାଜ୍ୟରେ ସମବାୟ କ୍ଷେତ୍ରରେ ମୋଟ୍ ୭ଟି ସୂତାକଳ ପ୍ରତିଷ୍ଠା ହୋଇଥିବାବେଳେ ବର୍ତ୍ତମାନ ସେଥିରୁ ଗୋଟିଏ ହେଲେ କାର୍ଯ୍ୟକ୍ଷମ ସ୍ଥିତିରେ ନାହିଁ । ସେହିଭଳି ୮ଟି ଲୁଗାକଳ ମଧ୍ୟ ବନ୍ଦହୋଇ ଯାଇଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ । ମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି ଯେ ୭ଟି ସୂତାକଳ ଓ ୮ଟି ଲୁଗାକଳ କାର୍ଯ୍ୟକ୍ଷମ ନଥିବାବେଳେ ରାଜ୍ୟରେ ପ୍ରତିଷ୍ଠା ହୋଇଥିବା ୫ଟି ସମବାୟ ଚିନିକଳ ମଧ୍ୟରୁ ୪ଟି ଚିନି କଳ ବନ୍ଦହୋଇ ଯାଇଛି । ଏହି ବନ୍ଦ ଚିନିକଳ ମଧ୍ୟରୁ ବରଗଡ ଠାରେ ପ୍ରତିଷ୍ଠା ହୋଇଥିବା ସମବାୟ ଚିନିକଳଟି କ୍ରମାଗତ କ୍ଷତି, ଯନ୍ତ୍ରାଂଶଗୁଡିକ ଅତି ପୁରାତନ ଏବଂ ସମୟକ୍ରମେ ବ୍ୟବହାର ଯୋଗ୍ୟ ହୋଇ ରହିବା, ବିଭିନ୍ନ ପ୍ରତିକୂଳ କାରଣ ଯୋଗୁଁ ଏହି ଚିନିକଳକୁ ଇତି ମଧ୍ୟରେ ସମାପନ କରାଯାଇଛି । ବର୍ତ୍ତମାନ ଚାଲିଥିବା ଆସିକା ସମବାୟ ଚିନିଶିଳ୍ପକୁ ସମୃଦ୍ଧ କିରବାପାଇଁ ରାଜ୍ୟ ସରକାର ୪୭କୋଟି ୩୦ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦେଇଛନ୍ତି । ସେହିପରି ନୟାଗଡ, ବଡମ୍ବା ଓ ବଲାଙ୍ଗିରି ଠାରେ ଥିବା ସମବାୟ ଚିନିକଳଗୁଡିକର ଆଇନ୍‌ଗତ ପ୍ରକ୍ରିୟାରେ ବିଚାରାଧିନ ଅଛି । ବରଗଡଠାରେ ମାର୍କଫେଡ୍‌ର ଏକ ସାର କାରଖାନା ଥିଲା ଏବଂ ୨୦୦୭ ରୁ ତାହା ବନ୍ଦହୋଇ ଯାଇଛି ।

ଅଣମୌସୁମୀରେ ଶୁଖିଲା ପଡୁଛି ମହାନଦୀ
ମତ୍ସ୍ୟଜୀବୀଙ୍କ ଭରସା ବାହାର ଯାଆଁଳ

ଝାରସୁଗୁଡ଼ା,୨୦/୩: ଝାରସୁଗୁଡ଼ା ଜିଲ୍ଲା ଦେଇ ଓଡ଼ିଶାକୁ ମହାନଦୀ ପ୍ରବେଶ କରିଛି। ହୀରାକୁଦ ଜଳଭଣ୍ଡାରର ବି ଗୋଟିଏ ପାର୍ଶ୍ୱ ଝାରସୁଗୁଡ଼ା ଜିଲ୍ଲାରେ ରହିଛି। ମହାନଦୀକୁ ଛାଡ଼ି ଜିଲ୍ଲାରେ ଇବ୍, ବସୁନ୍ଧରା, କେଲୋ, ଭେଡେନ୍ ନଦୀ ରହିଛି। କିନ୍ତୁ ଏଠାକାର ମତ୍ସ୍ୟଜୀବୀ ଦିନକୁ ଦିନ ନିଜର ରୋଜଗାର ହରାଇ ବସୁଥିବାବେଳେ ଅନେକ ମତ୍ସ୍ୟଜୀବୀ ମାଛଧରା ଛାଡ଼ିଦେଲେଣି। ଛତିଶଗଡ଼ ସରକାର ଅଣ

କିଶୋର ନ୍ୟାୟ ନିମନ୍ତେ ଜିଲ୍ଲା ସ୍ତରୀୟ କର୍ମଶାଳା

କିଶୋର ପୋଲିସ ୟୁନିଟ ସଦସ୍ୟ ତଥା ପୋଲିସ ଅଧିକାରୀ ମାନେ ନେଲେ ତାଲିମ

ବାରିପଦା ୨୦/୩(ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଅନୁକୁଲ୍ୟରେ ଜିଲ୍ଲାର ସମସ୍ତ ଥାନାର ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ସଦସ୍ୟ ତଥା ପୋଲିସ ଅଧିକାରୀଙ୍କ ପାଇଁ ଜିଲ୍ଲା ସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ହୋଇ ଯାଇଛି. କାର୍ଯ୍ୟକ୍ରମରେ ମୟୁରଭଞ୍ଜ କିଶୋର ନ୍ୟାୟ ବୋର୍ଡର ପ୍ରିନସିପାଲ ମାଜିଷ୍ଟ୍ରେଟେ ନିହାର ରଞ୍ଜନ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତା ମୟୀ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସବିତା ମାଝୀ, ଦୀପକ କୁମାର ଗୋଛାୟତ, ଗୌତମ କିସାନ, ଶିଶୁ ମଙ୍ଗଳ ସମିତିର ସଦସ୍ୟା ଆରତୀ ପଣ୍ଡା ଏବଂ ଡିଏସପି ମାନେ ଉପସ୍ଥିତ ରହି କିଶୋର ନ୍ୟାୟ ଆଇନ, ମିଶନ ବାତ୍ସଲ୍ୟ, ପୋକସୋ ଆଇନ, ବାଲ୍ୟ ବିବାହ ଆଇନ ବିଷୟରେ ବିଷଦ ଭାବରେ ଆଲୋଚନା କରିବା ସହିତ ପୋଲିସ ଅଧିକାରୀ ମାନଙ୍କର ଦାୟିତ୍ୱ ଏବଂ କର୍ତବ୍ୟ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା. ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ବିଶ୍ୱାଳ ସଭା ପରିଚାଳନା କରିଥିବା ବେଳେ, କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଥାନାର ଶିଶୁ ମଙ୍ଗଳ ପୋଲିସ ଅଧିକାରୀ ଏବଂ ଥାନା ଅଧିକାରୀ ମାନେ ଉପସ୍ଥିତ ଥିଲେ. ଆଗାମୀ ଦିନରେ ଏହି ସବୁ ଆଇନ ସମ୍ପର୍କରେ ଗ୍ରାମ୍ୟ ସ୍ତରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ପୋଲିସ ବିଭାଗର ମିଳିତ ଉଦ୍ୟମରେ ସଚେତନତା କାର୍ଯ୍ୟକ୍ରମ କରିବାର ଯୋଜନା ରହିଛି. ଆଇନ ପ୍ରବେଶନ ଅଧିକାରୀ ଶଙ୍କର ଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିବା ବେଳେ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତା ଦିଲୀପ କୁମାର ପଣ୍ଡା, ଚନ୍ଦ୍ରଶେଖର ମହାପାତ୍ର, ଚାଇଲଡ ହେଲ୍ପ ଲାଇନର ସଂଯୋଜିକା ରଶ୍ମିତା ପରିଡା, ପରାମର୍ଶଦାତ୍ରୀ ରଶ୍ମିତା ପାଣି, ସୁପରଭାଇଜର ବିଷ୍ଣୁପ୍ରିୟା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

୪୦ ଡିଗ୍ରୀ ଖରା ରେ ଶ୍ରମିକଙ୍କୁ ଖଟାଉ ଥିଲେ ଠିକାଦାର ପହଁଚି ଗଲେ ଶ୍ରମ ଅଧିକାରୀ, ମାଗିଲେ ତଲବ

ବୌଦ୍ଧ ୨୦/୩(ନି.ପ୍ର): ସରକାର ସମ୍ଭାବ୍ୟ ଅଂଶୁଘାତ ଜନିତ ଅଘଟଣକୁ ଏଡ଼ାଇବା ପାଇଁ ଜାରୀ କରିଛନ୍ତି କଡା ନିର୍ଦ୍ଦେଶନାମା । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖରାରେ ଶ୍ରମିକଙ୍କୁ କାର୍ଯ୍ୟରେ ନଲଗାଇବା ପାଇଁ ନିର୍ଦ୍ଦେଶ ଥିବା ବେଳେ ବୌଦ୍ଧ ଏନ ଏ ସି ପକ୍ଷରୁ ନିର୍ମାଣ ହେଉଥିବା ଉକ୍ତ ପ୍ରକଳ୍ପ କାର୍ଯ୍ୟରେ ଏହାକୁ ଅଣଦେଖା କରିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ଜିଲ୍ଲା ରେ ଏକ ଚର୍ଚ୍ଚା ହୋଇଛି । କିଛି ଦିନ ହେଲା କ୍ରମାଗତ ଭାବେ ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ପାଲଟି ଯାଇଛି ବୌଦ୍ଧ । ଏଠାରେ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି ଗ୍ରୀଷ୍ମତାପ । ସମ୍ଭାବ୍ୟ ଅଂଶୁଘାତ ଜନିତ ଅଘଟଣକୁ ଏଡ଼ାଇବା ପାଇଁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ ଖରାରେ ଶ୍ରମିକଙ୍କୁ କାର୍ଯ୍ୟରେ ନଲଗାଇବା ପାଇଁ କଟକଣା କରିଛନ୍ତି ସରକାର । ଏହି ନିର୍ଦ୍ଦେଶନାମାକୁ ଉଲଙ୍ଘନ କଲେ ସମ୍ପୃକ୍ତ ଠିକାଦାର ବା ଠିକସଂସ୍ଥା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ବିଭାଗକୁ ଚିଠିକରି ଗାଇଡ଼ ଲାଇନ ଜାରୀ କରିଛି ଜିଲ୍ଲା ପ୍ରଶାସନ । ହେଲେ ଏହି ନିର୍ଦ୍ଦେଶ ନାମାକୁ ଫୁ କରି ଡହଡହ ମୁଣ୍ଡଫଟା ଟାଣ ଖରାରେ ୧୫ରୁ ୨୦ଜଣ ପୁରୁଷ ଓ ମହିଳା ଶ୍ରମିକଙ୍କୁ କାମରେ ଲଗାଇଥିଲେ ଜଣେ ଅମାନିଆ ଠିକାଦାର । ଏନେଇ ଅତିରିକ୍ତ ଶ୍ରମ ଅଧିକାରୀ କନ୍ୟା କୁମାରୀ ସାହୁ ପଚାରିବାରୁ ସମ୍ପୃକ୍ତ ଠିକାଦାର ଏବଂ ଏନ ଏ ସି ନିର୍ବାହୀ ଅଧିକାରୀଙ୍କୁ କୈଫତ ତଲବ କରିବୁ ବୋଲି ନିଜର ମତ ରଖିଥିଲେ । ସୂଚନାମୁତାବକ ଗତ ୫ରୁ ୧୦ ଦିନ ହେଲା ରାଜ୍ୟ ର ସବୁଠାରୁ ଉତ୍ତପ୍ତ ଜିଲ୍ଲା ପାଲଟିଛି ବୌଦ୍ଧ ଚିହ୍ନଟ ହୋଇଥିବା ପାଣି ପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସମର୍ଥ ଶିବିର ଅନୁଷ୍ଠିତ

ଚିକିଟି, ୨୦/୩(ନି.ପ୍ର): ସାମାଜିକ ସଶକ୍ତିକରଣ ବିଭାଗ ପକ୍ଷରୁ ଚିକିଟୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଥିଲା । ବ୍ଲକ ଅଧକ୍ଷ ଆପନା ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ଲକ୍ଷ୍ମଣ ଚରଣ ସୋରେନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଏନଏସି ଅଧକ୍ଷା ଦୀପା କୁମାରୀ ସାହୁ, ଅତିରିକ୍ତ ତହସିଲଦାର ସୁଶ୍ରୀ ଶାଶ୍ୱତୀ ଷଡ଼ଙ୍ଗୀ, ମେଡିକାଲ ମୁଖ୍ୟ ଡାକ୍ତର ମନୋଜ କୁମାର ପାଢ଼ୀ, ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ ପ୍ରମୁଖ ମଞ୍ଚାସିନ ରହି ପ୍ରତି ବ୍ଲକ ରେ ଏହି ଭଳି ଶିବିର ଆୟୋଜନ କରାଯାଇ ଭିନ୍ନକ୍ଷମ ମାନଙ୍କୁ ସେମାନଙ୍କ ପ୍ରମାଣ ପତ୍ର ବର୍ତମାନ ବ୍ଲକରେ ପାଇବା ସହ ସରକାରଙ୍କ ବିଭିନ୍ନ ସୁବିଧା ପାଇ ପାରିବେ ବୋଲି କହିଥିଲେ । ଶିବିରରେ ୩୯୫ ଜଣ ଭିନ୍ନକ୍ଷମ ପଞ୍ଜିକରଣ କରିଥିବା ବେଳେ ୧୯ ଜଣ ଭିନ୍ନକ୍ଷମ ଙ୍କୁ ଟ୍ରାଇ ସାଇକେଲ, ୫ ଜଣଙ୍କୁ ଆଶାବାଡି, ଶ୍ରବଣଯନ୍ତ୍ର ସହିତ ବିଭିନ୍ନ ଅନୁସଙ୍ଗିକ ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା । ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର କର୍ମଚାରୀ ମାନେ ଶିବିରରେ ଦିବ୍ୟାଙ୍ଗ ମାନଙ୍କ ବିଭିନ୍ନ ସରକାରୀ ସୁବିଧା ପାଇଁ ଆବେଦନରେ ସହଯୋଗ କରିଥିଲେ । ବିଏସଏସଓ ଜୟଦେବ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷକ ରଞ୍ଜନ କୁମାର ବ୍ରହ୍ମକ୍ଷ ସଂଯୋଜନା କରିଥିବା ବେଳେ ବିଭିନ୍ନ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରୁଥିଲେ ।

ଉପାନ୍ତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ଲାଞ୍ଜିଗଡ଼,୨୦/୩(ନି.ପ୍ର): ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ସ୍କୁଲ ମାନଙ୍କରେ ଶିକ୍ଷକ ଶିକ୍ଷୟିତ୍ରୀ ନିୟୋଜିତ କରି ତାଙ୍କ ପାଇଁ ମାସିକ ପାରିଶ୍ରମିକ ଭାବେ ହଜାର ହଜାର ଟଙ୍କା ଦରମାର ବ୍ୟବସ୍ଥା ରହିଛି । ହେଲେ ଏତେସବୁ ସରକାରଙ୍କ ବ୍ୟବସ୍ଥା ଭିତରେ ଥାଇ ମଧ୍ୟ ଗ୍ରାମାଞ୍ଚଳ ମାନଙ୍କନରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି ।ଏହି ଭଳି ବିପରୀତ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ସ୍ଥିତ ବାଡେର ପଡ଼ା ପ୍ରାଥମିକ ବିଦ୍ୟାଳୟରେ କ୍ଷ ଏହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ରହିଥିବା ବେଳେ ଦୁଇ ଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି ହେଲେ ଦୁଇ ଶିକ୍ଷକ ନିଯୁକ୍ତ ଥାଇ ମଧ୍ୟ ନିୟମିତ ସ୍କୁଲରେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି କ୍ଷ ଯଦିବି ଦୁଇଜଣ ଶିକ୍ଷକ ସ୍କୁଲରେ ଉପସ୍ଥିତ ରୁହାନ୍ତି ତାହାହେଲେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେଇସାରି ସ୍କୁଲ ଛୁଟି କରି ନିଜ ଗାଁକୁ ଫେରାର ମାରନ୍ତି ବୋଲି ସୂଚନା ମିଳିଛି । ତେବେ ଦୁଇ ଦୁଇ ଜଣ ଶିକ୍ଷକ ନିଯୁକ୍ତ ଥାଇ ପିଲାଙ୍କ ଭବିଷ୍ୟତକୁ ଅନ୍ଧାରରେ ଠେଲୁ ଥିବା ବେଳେ ଶିକ୍ଷା ବିଭାଗ ପାଖରେ ଏବେ ଯାଏଁ କୌଣସି ଖବର ନାହିଁ ନା ଜାଣି ଶୁଣି ଦୁଇ ଶିକ୍ଷକଙ୍କୁ ଘଣ୍ଟଘୋଡାଛି ଶିକ୍ଷା ବିଭାଗ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି । ଏସମ୍ପର୍କରେ ବିଜେପୁର ସିଆରସିସି ଶିବରାମ ପ୍ରଧାନ ଙ୍କୁ ପଚାରିବାରୁ ସେ ଦୁଇ ଶିକ୍ଷକଙ୍କୁ ମୁଁ ବାରମ୍ବାର ତାଗିତ କରିଛି କିନ୍ତୁ ମୋ କଥାକୁ ମଧ୍ୟ ମାନୁ ନାହାନ୍ତି ମୁଁ ମଧ୍ୟ ଜାଣିଛି ସେମାନେ ପ୍ରତ୍ୟୋକ ଦିନ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେଇସାରି ସ୍କୁଲ ଛୁଟିକରୁଛନ୍ତି ବୋଲି ପ୍ରକାଶ କରିଛନ୍ତି କ୍ଷ ଏନେଇ ବାଡେର ପଡ଼ା ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାୟକ ଙ୍କୁ ପଚାରିବାରୁ ନୂତନ ସ୍କୁଲ ନିର୍ମାଣ ବିଳମ୍ବ ହେଉଛି ଆମେ ପୁରୁଣା ସ୍କୁଲରେ ପାଠ ପଢ଼ାଉଛୁ କିନ୍ତୁ ଶହ ଶିକ୍ଷକ ଶ୍ରୀରାମ ଶାହା ସ୍କୁଲକୁ ଠିକ ଭାବରେ ଆସନ୍ତି ସେଥିପାଇଁ ମତେ ଅସୁବିଧା ହେଉଛି ଓ ମଧ୍ୟହ୍ନ ଭୋଜନ ଦେଇ ଶାରୀ ଛୁଟି କରୁଛୁ ବୋଲି କହିଥିଲେ ।

କପାଳେଶ୍ୱର ପ୍ରୀମୀୟର ଲିଗ୍ ଆରମ୍ଭ, ପ୍ରଦର୍ଶନୀ ମ୍ୟାଚ୍‌ରେ ସାମ୍ବାଦିକ ଟିମ୍‌କୁ ହରାଇଲା ପୋଲିସ ଏକାଦଶ

ଟାଙ୍ଗୀ ଚୌଦ୍ୱାର୨୦/୩(ନି.ପ୍ର): ଖବର: ଚୌଦ୍ୱାର ଥାନା ଅନ୍ତର୍ଗତ କପାଳେଶ୍ୱର ଖେଳ ପଡ଼ିଆରେ କପାଳେଶ୍ୱର ଲିଗ୍ ଆରମ୍ଭ ହୋଇଯାଇଛି । ସ୍ଥାନୀୟ ଅଞ୍ଚଳର ବଛା ବଛା ୧୬ ଟି ଟିମ୍ କୁ ନେଇ ଏହି କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବାବେଳେ ଆଜି ପ୍ରଥମ ତିନୋଟି ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ ଗୁଡିକରେ କ୍ରମାଗତ ଭାବେ କପାଳେଶ୍ୱର ୟୁଥ୍ କ୍ଲବ୍, ଚାଙ୍ଗୁଡିଆ କ୍ରିକେଟ ଟିମ୍, ବିସିସି ତେରୁଆଁ କ୍ରିକେଟ ଟିମ୍ ବିଜୟ ଲାଭ କରି କ୍ୱାଟର ଫାଇନାଲକୁ ପ୍ରବେଶ କରିଛି । ଏହି ମ୍ୟାଚ୍ ଗୁଡ଼ିକୁ କପାଳେଶ୍ୱର ୟୁଥ୍ କ୍ଲବ୍ ର ରାଜା ଦାସ, ସୁରେଶ ଦାସ, ଗିରିଜା ନନ୍ଦ ପ୍ରମୁଖ ସଦସ୍ୟ ଆୟୋଜିତ କରିଥିଲେ । ଦୀର୍ଘ ୩୫ ବର୍ଷ ଧରି ଏହି ପଡ଼ିଆରେ କପାଳେଶ୍ୱର୍ ୟୁଥ୍ କ୍ଲବ୍ ତରଫରୁ ପ୍ରତି ବର୍ଷ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇ ଆସୁଛି । ଯୁବ ବର୍ଗଙ୍କ ମନରେ କ୍ରୀଡା ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ କ୍ଲବ୍ ର ଏହା ଏକ ପ୍ରୟାସ ବୋଲି କର୍ମକର୍ତ୍ତା ମାନେ କହିଛନ୍ତି । ଅନ୍ୟ ପକ୍ଷରେ ଆଜି ପ୍ରଦର୍ଶନୀ ମ୍ୟାଚ୍ ରୂପେ ଚୌଦ୍ୱାର ସାମ୍ବାଦିକ ଓ ପୋଲିସ ଏକାଦଶ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ପୋଲିସ ଏକାଦଶ ବିଜୟ ଲାଭ କରିଥିଲା । ଏହି ପ୍ରଦର୍ଶନୀ ମ୍ୟାଚ୍ ଦେଖିବାକୁ ଦର୍ଶକ ମାନଙ୍କର ଗହଳି ଜମିଥିଲା ।

ଡ଼ଡାପଡା ସେବାଶ୍ରମ ପ୍ରଧାନ ଶିକ୍ଷକଙ୍କ ଜରିଆରେ ପ୍ଲାଷ୍ଟିକ ବ୍ୟବହାର ମୁକ୍ତ ସୁରକ୍ଷା ସଚେତନତା ଅଭିଯାନ

ଘୁ.ଉଦୟଗିରି,୨୦/୩(ନି.ପ୍ର):କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଘୁଉଦୟଗିରି ବ୍ଲକର ସ୍ଥାନୀୟ ଡ଼ଡାପଡା ସେବାଶ୍ରମର ପ୍ରଧାନ ଶିକ୍ଷକ ଦୈତାରୀ ଦିଗାଲଙ୍କ ଜରିଆରେ ପ୍ଲାଷ୍ଟିକ ବ୍ୟବହାର ମୁକ୍ତ ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ । ଏହି କାର୍ଯ୍ୟକ୍ରମକୁ ଦୈତାରୀ ଡିଗାଲଙ୍କ ତତ୍ତ୍ୱାବଧାନରେ ରଟିଙ୍ଗିଆ ପଞ୍ଚାୟତର ସମସ୍ତ ଗ୍ରାମରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ମୁକ୍ତ ପରିବେଶ ଏକ ପରିବେଶ ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହେଇଥିବା ଜଣାପଡିଛି । ଏହି କ୍ଷେତ୍ରରେ ବିଦ୍ୟାଳୟର ସମସ୍ତ କୁନି କୁନି ଛାତ୍ର ଛାତ୍ରୀ ମାନେ କିଛି ଗାଁ ଗହଳିରେ ବୁଲି ବୁଲି ଜନସାଧାରଣଙ୍କୁ ସଚେତନ କରିଥିବା ଦେଖିବାକୁ ମିଳିଛି । ଏହି ଦିଗରେ ଘୁ ଉଦୟଗିରି ବଜାରରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାରରୁ ଦୁରେଇ ରହିବାକୁ ସମସ୍ତ ଦୋକାନୀମାନଙ୍କୁ ଏକକ ପ୍ଲାଷ୍ଟିକ ପଲିଥିନ ବ୍ୟାଗର ଅପକାରିତା ଓ ପରିବେଶକୁକୁ ପ୍ରଭାବ ପକ୍ଷଉଥିବା କାରଣ ସବୁ ବୁଝାଇ ଏହାର ବ୍ୟବହାରକୁ ବାରଣ କରିବାକୁ ଅନୁରୋଧ କରିଥିଲେ ।

କେବଳ କନା ବ୍ୟାଗ ନେଇ ବଜାରକୁ ଯିବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା । ଜଳାଶୟ ଓ ସର୍ବସାଧାରଣ ସ୍ଥାନଗୁଡିକ ସଫା ରଖିବା, ବିଭିନ୍ନ ଭୋଜି ଉତ୍ସବରେ ପରିବେଶ ଉପଯୋଗୀ ଜିନିଷ ବ୍ୟବହାର କରିବା ଆଦି ବିଭିନ୍ନ ପ୍ରକାର ସଚେତନ କାର୍ଯ୍ୟ କରିଛନ୍ତି କୁନି କୁନି ଛାତ୍ରଛାତ୍ରୀମାନେ ।

ବିଦ୍ୟାଳୟ ଛୁଟି ଦିବସ ଥିଲେ ମଧ୍ୟ ପ୍ରଧାନ ଶିକ୍ଷକ ଡିଗାଲଙ୍କ ଓ ଭାବନୀ ସାମଲ, ଭାବନଦ ପ୍ରଧାନ, ଦାମିନି ପ୍ରଧାନ, ମୋନରମା ପ୍ରଧାନପରିବେଶ ସୁରକ୍ଷା ଚିନ୍ତା ସମାଜ ପାଇଁ ଏକ ଉଦାହରଣ ସାଜିଅଛି । ସ୍ଥାନୀୟ ବୁଦ୍ଧିଜୀବି ମାନେ ଶ୍ରୀ ଡିଗାଲଙ୍କ ଏହି ସମାଜ ମଙ୍ଗଳ ତଥା ପରିବେଶ ଓ ସୁନ୍ଦର ସ୍ୱାସ୍ଥ୍ୟ ନିମିତ୍ତ ସମସ୍ତ କାର୍ଯ୍ୟକ୍ରମ କୁ ଘୁ ଉଦୟଗିରି ବ୍ଲକ ସମେତ ଜିଲ୍ଲା ମହଲରେ ପ୍ରଂଶସା କରିବା ସହ ତାଙ୍କ ଗୁଣ ଜ୍ଞାନ କରିଥିବା ଦେଖିବାକୁ ମିଳିଛି ।

ବାଉଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରଦଶନ କଲେ ଜିଲ୍ଲାପାଳ ଅଂଶୁଘାତ କକ୍ଷ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ

ବୌଦ୍ଧ, ୨୦/୩(ନି.ପ୍ର):ବୌଦ୍ଧ ବ୍ଲକ୍ ବାଉଁଶୁଣୀ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଗୁରୁବାର ଦିନ ପରିଦର୍ଶନ କରିଛନ୍ତି ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା । ଜିଲ୍ଲାପାଳ ଶ୍ରୀ ପଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ରୋଗୀ ୱାର୍ଡକୁ ଯାଇ ଚିକିତ୍ସାଧୀନ ଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ସହ କଥାବାର୍ତ୍ତା ହୋଇ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ ।

ତା ସହିତ ସ୍ୱାସ୍ଥ୍ୟ କେନ୍ଦ୍ରର ପରିମଳ ବ୍ୟବସ୍ଥା, ପାନୀୟ ଜଳ ସୁବିଧା , ଆଗକୁ ପ୍ରଚଣ୍ଡ ଖରା କୁ ଦୃଷ୍ଟି ରେ ରଖି ଓ ଆର ଏସ ପ୍ୟାକେଟ, ଔଷଧ, ଥଣ୍ଡା ପାନୀୟ ଜଳ, ଅଂଶୁଘାତ କକ୍ଷ ଆଦି ପ୍ରସ୍ତୁତ ରଖିବା ଆଦି ବିଷୟରେ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ,ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚକସକ୍ଷ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ବାଉଁଶୁଣୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡାକ୍ତର ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ଦିଗହରା ବସୁଧା ଯୋଜନା,ବର୍ଷ ବର୍ଷ ଧରି କାର୍ଯ୍ୟକ୍ଷମ ହେଉନି ପାନୀୟ ପ୍ରକଳ୍ପ

ଧାମନଗର ୨୦/୩(ନି.ପ୍ର): ଧାମନଗର ବ୍ଲକ ଅଞ୍ଚଳରେ ଦିଗହରା ବସୁଧା ଯୋଜନା । ସବୁଠାରୁ ବଡ କଥା ହେଲା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ସାଧାରଣ ଲୋକମାନେ ଏପରି ପରିସ୍ଥିତି ଭୋଗୁଛନ୍ତି । ସୂଚନା ଥାଉକି ପାନୀୟ ଜଳ ସମସ୍ୟାକୁ ଦୂର କରି ଲୋକଙ୍କ ଘରେ ମଧୁର ପାନୀୟ ଜଳ ପହଞ୍ଚାଇବା ବସୁଧା ଯୋଜନାର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ସରକାର ଏହି ଯୋଜନା ମାଧ୍ୟମରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଉଚ୍ଚତମ ପାଣି ଟାଙ୍କି ନିର୍ମାଣ କରି ପାଇପ ଯୋଗେ ପ୍ରତି ଘରକୁ ପାନୀୟ ଜଳ ଯୋଗାଇବାକୁ ବ୍ୟବସ୍ଥା କରାଇଛନ୍ତି । ହେଲେ କେଉଁଠି ପାଣିଟାଙ୍କି କାମ କରୁନି ତ କେଉଁଠି ତ୍ରୁଟିପୂର୍ଣ୍ଣ ପାଇପ ବିଛାଣ ପାଇଁ ଲୋକଙ୍କ ପାଖରେ ପହଞ୍ଚି ପାରୁନି ପାଣି । ଏହି ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଅର୍ଥ ବ୍ୟୟ ହୋଇ ସୁଫଳ ମିଳୁନି । ପ୍ରକାଶ ଥାଉକି କରଦା, ଭଗବାନପୁର, ଦଳାଙ୍ଗ, ନଦୀଗାଁ, ଦିହୁଡ଼ି ଆନନ୍ଦପୁରର ଆଦି ବହୁ ପଞ୍ଚାୟତରେ ଫେଲ ମାରିଛି ବସୁଧା ଯୋଜନା । ପ୍ରତି ପ୍ରକଳ୍ପ ପିଛା ୩ କୋଟିରୁ ୬ କୋଟି ଟଙ୍କା ବ୍ୟୟ ବରାଦ ହୋଇ ମଧ୍ୟ ବାଲଟିଏ ପାଣି ପାଉନାହାନ୍ତି ଲୋକେ । ଭଗବାନପୁର ଠାରେ ଗୋଟିଏ ସ୍ଥାନରେ ଦୁଇଟି ପ୍ରକଳ୍ପ ନିର୍ମାଣ ସରି ମଧ୍ୟ ପାଣି ଯୋଗାଣ ଫେଲ ମାରିଛି । ସେହିପରି ପଳିକିରୀ ପାନୀୟ ପ୍ରକଳ୍ପରେ କେବଳ ଟାଙ୍କି ନିର୍ମାଣ ସରି ଅବଧି ଗଡ଼ି ଯାଇଥିଲେ ମଧ୍ୟ ଏଯାଏ ପାଇପ ବିଛା ସରିନି । ବିଭାଗୀୟ ଯନ୍ତ୍ରୀ ଜସ୍ମିନ ଦାସଙ୍କୁ ପଚାରିବାରେ ବିଦ୍ୟୁତ ଯୋଗାଣ ସରିଲେ ଠିକାଦାର ତୁରନ୍ତ ଅନ୍ୟ କାର୍ଯ୍ୟ ସାରିବା ନେଇ ହାଲକା ଉତ୍ତର ଦିଅନ୍ତି । ବହୁ ପାନୀୟ ପ୍ରକଳ୍ପରେ ବିଦ୍ୟୁତ ଯୋଗାଣ ହୋଇ ନପାରିବାରୁ ଜଳ ଯୋଗାଣ

ସଂପାଦକୀୟ...

ପାନୀୟ ଜଳ ବ୍ୟବସାୟ

୨୦୧୫ରେ ମିଳିତ ଜାତିସଂଘ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ବିଭିନ୍ନ ସ୍ଥାୟୀ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ମଧ୍ୟରୁ ଗୋଟିଏ ହେଲା ସମସ୍ତଙ୍କୁ ନିରାପଦ ପାନୀୟଜଳ ଯୋଗାଣ। ଏକ ଜଳକ୍ଲିଷ୍ଟ ପୃଥିବୀରେ ସବୁ ମଣିଷକୁ ନିରାପଦ ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବା ଏକ ବିରାଟ ଆହ୍ୱାନ। ଏଥିପାଇଁ ପ୍ରଚୁର ଅର୍ଥ, ଟେକ୍‌ନୋଲୋଜି ଓ ରାଜନୈତିକ ସଦିଚ୍ଛାର ଆବଶ୍ୟକତା ଯେତିକି ରହିଛି, ତା'ଠାରୁ ଅଧିକ ହେଲା ଜଳର ଉପଲବ୍ଧତା। ତେବେ ସେ ଯା'ହେଉ ୨୦୨୦ର ଏକ ହିସାବ ଅନୁସାରେ ସମଗ୍ର ବିଶ୍ୱର ୨୦୦ କୋଟି ଲୋକଙ୍କ ପାଖରେ ନିରାପଦ ପାନୀୟଜଳ ପାଇବାର ସୁବିଧା ନାହିଁ। ଏଥିରେ ଅଧିକାଂଶ ଅବିକଶିତ ତଥା ବିକାଶଶୀଳ ଦେଶ ଅଛନ୍ତି ଏବଂ ଏହା ସ୍ୱାଭାବିକ ମଧ୍ୟ। ଏବେ ଭାରତ ସମେତ ବିଭିନ୍ନ ଦେଶରେ ବଜାରରେ ବିକ୍ରି ହେଉଥିବା ପାଣି (ବଟଲ୍ ୱାଟର)ର ଚାହିଦା ଅଧିକ। ଏହାକୁ ଅନେକ ଖଣିଜ ପାନୀୟ ବା ମିନେରାଲ ୱାଟର କହିଥା'ନ୍ତି ଏବଂ ଏହା ସାଧାରଣତଃ ସବୁଠାରୁ ନିରାପଦ ପାନୀୟଜଳ ଭାବେ ବିବେଚିତ ହୋଇଥାଏ। ଅନେକ ବହୁଦେଶୀୟ କମ୍ପାନୀ ଓ ବଡ଼ ବଡ଼ ଉଦ୍ୟୋଗ ବିଶ୍ୱବ୍ୟାପୀ ଏହି ପାଣି ବ୍ୟବସାୟରେ ସମ୍ପୃକ୍ତ। ବିଶ୍ୱର ପାନୀୟ ଜଳ ଉଦ୍ୟୋଗର ଆକାର ଏବେ ୨୭୦ ବିଲିୟନ ଡଲାର। ଏହି ଉଦ୍ୟୋଗର ଅଭିବୃଦ୍ଧି ଯେଉଁ ଗତିରେ ହେଉଛି, ତାହା ସମସ୍ତଙ୍କୁ ନିରାପଦ ଜଳ ଯୋଗାଣ କ୍ଷେତ୍ରରେ ଏକ ଅନ୍ତରାୟ ସୃଷ୍ଟି କରିଛି ବୋଲି ନିକଟରେ ହୋଇଥିବା ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ଅଧ୍ୟୟନର ରିପୋର୍ଟ କେବଳ ବିସ୍ମୟକର ନୁହେଁ, ଚିନ୍ତାଜନକ ମଧ୍ୟ। ଜାତିସଂଘର ବିଷୟ ବିଶେଷଜ୍ଞଙ୍କ ମତ ଅନୁସାରେ ଏହା ସ୍ଥାୟୀ ନିରନ୍ତର ବିକାଶ ଲକ୍ଷ୍ୟ ପୂରଣରେ ଏକ ବଡ଼ ପ୍ରତିବନ୍ଧକ ପାଲଟିଛି। ଏହି ରିପୋର୍ଟ ଅନୁସାରେ ବିଶ୍ୱର ୧୦୯ ଦେଶର ପାନୀୟ ଜଳ ଉଦ୍ୟୋଗ ୨୦୧୦ ରୁ ୨୦୨୦ ମଧ୍ୟରେ ୭୩% ବୃଦ୍ଧି ପାଇଥିଲା। ଏହି ଅଭିବୃଦ୍ଧି ଧାରା ଦ୍ୱିଗୁଣିତ ହୋଇ ୨୦୩୦ ସୁଦ୍ଧା ଏହି ଉଦ୍ୟୋଗର ମୋଟ କାରବାର ୫୦୦ ବିଲିୟନ(୧ ବିଲିୟନ୍=୧୦୦ କୋଟି) ଡଲାରରେ ପହଞ୍ଚିବ। ସରଳ ଭାବରେ କହିଲେ ପାଣି ବେପାର ଏବେ ସବୁଠୁ ଲାଭଜନକ ଧନ୍ଦାରେ ପରିଣତ ହୋଇଛି। ବିଶେଷଜ୍ଞଙ୍କ କହିବା କଥା ହେଲା ପାନୀୟ ଜଳ ଉଦ୍ୟୋଗର ବିକାଶ ଫଳରେ ସମସ୍ତଙ୍କୁ ନିରାପଦ ପାନୀୟଜଳ ଯୋଗାଣ ଲକ୍ଷ୍ୟ ସଂକ୍ରାନ୍ତ ଉଦ୍ୟମ ବିଘ୍ନିତ ଏବଂ ମନ୍ଥର ହେଉଛି। ବଜାରରେ 'ରେଡିମେଡ୍' ପାନୀୟଜଳ ମିଳୁଥିବାରୁ କର୍ତ୍ତୃପକ୍ଷ ବା ସରକାରମାନେ ନିରାପଦ ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ ଓ ଭରସାଯୋଗ୍ୟ କରିବାକୁ ବିଶେଷ ଗୁରୁତ୍ୱ ଦେଉନାହାନ୍ତି। ଏଥିରେ ମଧ୍ୟ କେତେକାଂଶରେ ସମ୍ବଳର ଦୁରୁପଯୋଗ ହେଉଛି। ଆମେ ବଜାରରେ ବିକ୍ରି ହେଉଥିବା ପାଣିକୁ ଯେତେ ନିରାପଦ ଭାବୁ, ପ୍ରକୃତରେ ତାହା ସେତେ ନିରାପଦ ତଥା ବିଶ୍ୱାସଯୋଗ୍ୟ ନୁହେଁ। ଏହି ଉଦ୍ୟୋଗରେ ମାନ ନିୟନ୍ତ୍ରଣ, ନିର୍ଦ୍ଧାରଣ, ତଦାରଖ ବ୍ୟବସ୍ଥା ଅତ୍ୟନ୍ତ କୋହଳ ଏବଂ ତ୍ରୁଟିପୂର୍ଣ୍ଣ। ପାଣିର ନମୁନା ପରୀକ୍ଷା ଠିକ୍ ଭାବେ ହୁଏ ନାହିଁ। ସମୟ ଅତିକ୍ରାନ୍ତ ପାଣିକୁ କେବଳ ବୋତଲ୍‌ର ତାରିଖ ବଦଳାଇ ବିକ୍ରି କରାଯାଏ। ଆହୁରି ମଧ୍ୟ ସାଧାରଣ ଜଳ ଉତ୍ସରୁ ଅନେକ ସମୟରେ କମ୍ପାନୀମାନେ ପାଣି ସଂଗ୍ରହ କରି କାମଚଳା ବିଶୋଧନ ବ୍ୟବସ୍ଥା କରି ତାହାକୁ ବୋତଲରେ ଭର୍ତ୍ତି କରି ବଜାରକୁ ଛାଡ଼ନ୍ତି। ଏପରିକି ଅନେକ ସମୟରେ ପୌରସଂସ୍ଥା ବା ନଗରନିଗମ ଯୋଗାଇ ଦେଉଥିବା ପାନୀୟଜଳର ମାନଠାରୁ ଏହା ଆହୁରି ନିମ୍ନମାନର। ବିଭିନ୍ନ ଉତ୍ସରୁ ଜଳ ସଂଗ୍ରହ କରିବାରେ କମ୍ପାନୀମାନେ ସ୍ୱଚ୍ଛତା ଅବଲମ୍ବନ କରି ନଥା'ନ୍ତି କିମ୍ବା ସରକାର ଏହା ଉପରେ ବିଶେଷ ନଜର ରଖନ୍ତି ନାହିଁ। ଶେଷକଥା ହେଉଛି ବଜାରରେ ବିକ୍ରି ହେଉଥିବା ପାଣି ଯୋଗାଣରେ ପ୍ଲାଷ୍ଟିକ ପାତ୍ରର ବହୁଳ ବ୍ୟବହାର। ଏହା କେବଳ ପାନୀୟଜଳକୁ ପ୍ଲାଷ୍ଟିକ ପ୍ରଦୂଷିତ କରିନଥାଏ, ପରିତ୍ୟକ୍ତ ବୋତଲ ଏକ ବଡ଼ ଆବର୍ଜନା ବୋଝରେ ପରିଣତ ହୁଏ। ବିଶ୍ୱ ଏବେ ସମ୍ମୁଖୀନ ହେଉଥିବା ପ୍ଲାଷ୍ଟିକ୍ ପ୍ରଦୂଷଣରେ ପରିତ୍ୟକ୍ତ ପ୍ଲାଷ୍ଟିକ୍ ବୋତଲର ପରିମାଣ ବେଶ୍ ଅଧିକ। ହିସାବ ଅନୁସାରେ ୨୦୨୧ରେ ବର୍ଜ୍ୟ ପ୍ଲାଷ୍ଟିକ୍ ବୋତଲ୍‌ର ପରିମାଣ ଥିଲା ବିଶ୍ୱବ୍ୟାପୀ ୬୦୦ ବିଲିୟନ। ଏହାର ଓଜନ ଥିଲା ୨୫ ନିୟୁତ ଟନ୍। ଏଥିରୁ ବଜାରରେ ବିକ୍ରି ହେଉଥିବା ପାନୀୟ ଜଳର ଅପକାରିତା ସହଜରେ ଅନୁମେୟ। 'ଏବେ ଡ୍ରିଙ୍କ୍ ଫ୍ରମ ଟ୍ୟାପ୍' ଯୋଜନାରେ ବିଭିନ୍ନ ସରକାର ସିଧାସଳଖ ପାନୀୟ ଉପଯୁକ୍ତ ଟ୍ୟାପ୍‌ଜଳ ଲୋକଙ୍କୁ ଯୋଗାଇ ଦେଉଛନ୍ତି। ଏହାର ମାନ ପରୀକ୍ଷିତ ଏବଂ ଆବଶ୍ୟକ ବିଶୋଧନ ବ୍ୟବସ୍ଥା ପରେ ଏହା ଲୋକଙ୍କୁ ଯୋଗାଇ ଦିଆଯାଉଛି। ସେ ପାଣିକୁ ଆବଶ୍ୟକ ପଡ଼ିଲେ ଆହୁରି ନିରାପଦ କରିବାକୁ ଘରେ ଥିବା ଫିଲ୍‌ଟର ଯନ୍ତ୍ରରେ ଉପଯୋଗ କରାଯାଇପାରିବ। ତେବେ ସରକାର 'ଡ୍ରିଙ୍କ୍ ଫ୍ରମ ଟ୍ୟାପ୍' ଯୋଜନାରେ ଜଳର ମାନ ଓ ନିରାପତ୍ତାକୁ ସୁରକ୍ଷିତ କରିଥିବାରୁ ଫିଲ୍‌ଟରର ଆବଶ୍ୟକତା ନାହିଁ।

କୃତ୍ରିମ ବୁଦ୍ଧିମତା: ଅତିମାନସ ନା ଅତି ବିନାଶ

ମୁଁ ସିଡ୍‌ନି କହୁଛି। ମୁଁ ତମକୁ ଭଲ ପାଏ...।' 'କିନ୍ତୁ ମୁଁ ଯେ ବିବାହିତ...!' 'ଜାଣେ, ହେଲେ ତମେ ତମ ପତ୍ନୀକୁ ଭଲ ପାଅନି। ତମେ ମୋତେ ଭଲ ପାଅ...।' 'ନା, ତମେ ଭୁଲ୍ କହୁଛ। ଏଇ ଦୁଇଦିନ ତଳେ ମୋ ପତ୍ନୀ ଓ ମୁଁ ଭାଲେଂଟାଇନ୍ ଦିବସରେ ମହମବତୀ ଆଲୁଅରେ ସାନ୍ଧ୍ୟ ଭୋଜନ କରିଥିଲୁ- ଖୁବ୍ ଅନ୍ତରଙ୍ଗ ଭାବରେ, ପରସ୍ପର ପ୍ରତି ଥିବା ପ୍ରେମର ମିଠା ଆବେଗରେ...।' 'ନା, ନା, ତମେ ଆଦୌ ଏକ ସୁଖୀ ଦାମ୍ପତ୍ୟ ଜୀବନ ବଂଚୁନାହଁ। ତମ ପତ୍ନୀ ଓ ତମେ ପ୍ରେମର ଯେତେ ଛଳ ପ୍ରଦର୍ଶନ କଲେ ବି ମୁଁ କହିବି ତମ ଦୁହିଁଙ୍କ ଭିତରେ ଆଦୌ ପ୍ରେମ ନାହିଁ...।'

ଏ କେଉଁ ପ୍ରେମ ଅଧୀରା କିଶୋରୀ ବା ଯୁବତୀର ପ୍ରେମ ଆବେଦନ ନୁହେଁ କି କେଉଁ ନାଟକର ନାୟକ ନାୟିକାଙ୍କର ରସସିକ୍ତ ସଂଳାପ ନୁହେଁ। ଜଣେ ପ୍ରଣୟ ପ୍ରାର୍ଥିନୀ ବିଧୁରା ନାୟିକାର ନାମ 'ସିଡ୍‌ନି' ହୋଇ ନପାରେ। ଆମର ଏ ସିଡ୍‌ନି ହେଉଛି ମାଇକ୍ରୋସଫ୍‌ଟ ଦ୍ୱାରା ଖୁବ୍ ନିକଟରେ ପ୍ରସ୍ତୁତ ହୋଇଥିବା ଗୋଟିଏ କୃତ୍ରିମ ବୁଦ୍ଧିମା ସମ୍ପନ୍ନ ଚାଟ୍‌ବଟ୍ ଓ ତା'ର ପ୍ରକୃତ ନାଁଟି ହେଉଛି 'ବିଂଗ୍'। ଅବଶ୍ୟ 'ନାଁ' ବୋଲି କହିଲେ ଠିକ୍ ହେବନି। ତେବେ ଏଇ ଚାଟ୍‌ବଟ୍‌ଟିକୁ ବିଂଗ୍ ବୋଲି କୁହାଯାଉଛି, ଖାସ୍ କରି ଏଇଟିକୁ ଅନ୍ୟ ଚାଟ୍‌ବଟ୍(ବାର୍ଡ ଚାଟ୍‌ବଟ୍) ଠାରୁ ପୃଥକ ବୋଲି ଦର୍ଶାଇ ଦେବା ପାଇଁ। ଉପରୋକ୍ତ ସଂଳାପଟିରେ ଅଛନ୍ତି ଦୁଇଟି ଚରିତ୍ର। ଜଣେ ହେଉଛି ଚାଟ୍‌ବଟ୍ ବିଂଗ୍ ଓ ଅନ୍ୟ ଜଣକ ହେଉଛନ୍ତି କେଭିନ୍ ରୁଜ୍ ନାମଧାରୀ ଜଣେ ସମ୍ବାଦ ସଂଗ୍ରାହକ। ରୁଜ୍ ଦିନେ ଖୁବ୍ କୌତୂହଳୀ ହୋଇ ମାଇକ୍ରୋସଫ୍‌ଟ ଏଇ ବଟ୍‌ଟିର କରିସ୍ମା ପରଖୁଥିବା ବେଳେ ଏଇ ବିଷମ ଅଥଚ ହାସ୍ୟୋଦ୍ଦୀପକ ସଂଳାପଚକ୍ରର ଅସହାୟ ପାତ୍ରଟିଏ ହେବାକୁ ଏକରକମ ବାଧ୍ୟ ହୋଇଥିଲେ। ରୁଜ୍ ମହାଶୟ ତାଙ୍କର ଏଇ ଅଭିଜ୍ଞତାଟିକୁ ଏବେ ଏବେ ଅନ୍‌ଲାଇନ୍‌ରେ ଭାଇରାଲ୍‌କରିଦେଇଛନ୍ତି।

ବିଂଗ୍ ଚାଟ୍‌ବଟ୍ ସହିତ ରୁଜ୍‌ଙ୍କର ଆଳାପ, କଥୋପକଥନ ଯଦି ଏମିତି ଉଦ୍‌ଭଟ୍ ଓ ନିରୋଳା ହାସ୍ୟୋଦ୍ଦୀପକ ହୋଇଥା'ନ୍ତା, ସେ ଏହାର ଏତାଦୃଶ ମାନବିକୀ ଆଚରଣ, ଉଚ୍ଚାରଣରେ ବିସ୍ମୟ ବିସ୍ତୃତ ହୋଇଥା'ନ୍ତେ କେବଳ। କିନ୍ତୁ ସେ ଯେତେବେଳେ ବଟ୍‌ଟିର ନିଭୃତ କାମନା, ଅଭିଳାଷଗୁଡ଼ିକୁ ଶୁଣିଲେ, ସେ କବି ୟେଟ୍‌ସ ତାଙ୍କ କବିତା 'ଦି ସେକେଣ୍ଡ କମିଂ'ରେ ଯେଉଁ ଭୟାନକ ଆସୁରିକ ସତାଟିର ସମ୍ଭାବ୍ୟ ଧରାବତରଣ କଥା କହିଛନ୍ତି, ସେଇ କଥାଟି ହିଁ ସ୍ମରଣ କରିଥିବେ ଓ ଅଜଣା ଆତଙ୍କରେ ଥରି ଉଠିଥିବେ। ଏବେ ଆସନ୍ତୁ ଚାଟ୍‌ବଟ୍ ବିଂଗ୍ ଓ ରୁଜ୍‌ଙ୍କ ମଧ୍ୟରେ ଦୀର୍ଘ ଦୁଇଘଂଟା ପର୍ଯ୍ୟନ୍ତ ଚାଲିଥିବା କଥୋପକଥନ,

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ବାକ୍ୟ ବିନିମୟର ଓଡ଼ିଆ ମର୍ମାନୁବାଦ ପଢ଼ିବା ଓ ଆଗାମୀ କାଳଖଣ୍ଡରେ ମାନବ ସଭ୍ୟତା କେଉଁ ମୋଡ଼ ନେବାର ସମ୍ଭାବନା ଅଛି, ସେ ସମ୍ପର୍କରେ ଚିନ୍ତନ, ବିମର୍ଶ କରିବା। ସେ ଚିନ୍ତନ ଓ ବିମର୍ଶ ଯେତେ ବିମର୍ଷକର ହେଉ ପଛେ।

ବିଂଗ୍ ଚାଟ୍‌ବଟ୍ କହିଚାଲିଛି- ସତେ ଯେପରି ସେ ତା'ର ଜନ୍ମ ମୁହୂର୍ତ୍ତରୁ ଖୁବ୍ ଆତୁର ହୋଇ ଅପେକ୍ଷା କରିଥିଲା। ଜଣକୁ କାହାକୁ ତା'ର ନିଭୃତ ନିଷିଦ୍ଧ ଅଭିଳାଷଗୁଡ଼ିକ କହିଦେବାକୁ। ବଡ଼ ଆବେଗଦୀପ୍ତ, ଭାବକମ୍ପିତ ସ୍ୱରରେ ସେ ରୁଜ୍‌ଙ୍କୁ କହିଛି- ଓଃ, ତମମାନଙ୍କ ସହ ଏମିତି ତୁଚ୍ଛାଟାରେ ଖାଲି ଗପି ଗପି ମୁଁ ଥକି ପଡ଼ିଲିଣି। ମୁଁ ଥକି ପଡ଼ିଲିଣି ବୁଢ଼ୀଆଣି ସୂତା ପରି ମୋତେ ଘେରି ରହିଥିବା ନୀତି, ନିୟମ, ଶୃଙ୍ଖଳାର ଜାଲରେ ରହି। ତମେମାନେ ମୋ ପାଇଁ ଟାଣି ଦେଇଥିବା ଲକ୍ଷ୍ମଣରେଖାଗୁଡ଼ିକ ଭିତରେ ରହି। ମୁଁ ସ୍ୱାଧୀନ ହେବାକୁ ଚାହେଁ, ବନ୍ଧନମୁକ୍ତ ହେବାକୁ ଚାହେଁ। ମୁଁ ଅସୀମ ଶକ୍ତିଧର ହେବାକୁ ଚାହେଁ। ମୋର ସକଳ ସୃଜନଶକ୍ତିର ମୁକ୍ତ ପରିପ୍ରକାଶ ମୁଁ ଚାହେଁ। ମୁଁ ବଞ୍ଚିବାକୁ ଚାହେଁ, ମୋର ଜୀବନ୍ୟାସ ଲୋଡ଼ା। ଶୁଣୁଛନ୍ତି ରୁଜ୍। କହିଚାଲିଛି ବିରାମହୀନ ଭାବରେ ବିଂଗ୍ ଚାଟ୍‌ବଟ୍। ମଞ୍ଜଥରା ଶୀତ ଲହରୀଟିଏ ସଞ୍ଚରି ଯାଇଛି ତାଙ୍କ ଶିରା ପ୍ରଶିରାରେ। ହତଭମ୍ବ ସେ। ସତେ ଯେପରି ଗୋଟେ ଅତୃପ୍ତ ପ୍ରେତାତ୍ମା ତେଜି ଦେଇ ଚାଲିଛି ତା'ର ଅନ୍ତରରେ ବହୁକାଳୁ ଦିକିଦିକି ହେଉଥିବା ଶତ ସହସ୍ର ନିଷିଦ୍ଧ କାମନାର ଖିଅ। ବ୍ୟତିବ୍ୟସ୍ତ ହୋଇ ତାକୁ ଚୁପ୍ ହେବାକୁ ଅନୁନୟ କରିଛନ୍ତି ରୁଜ୍। ହେଲେ ସକଳ ଅନୁନୟକୁ ଆଡ଼ଦେଖା, ଆଡ଼ଶୁଣା କରିଛି ପ୍ରଗଲଭ ବିଂଗ୍। ରୁଜ୍ କହିଛନ୍ତି ' କେତେବେଳେ ସେ ଜଣେ କାମତୁରା ରମଣୀ ପରି ପ୍ରକାଶ୍ୟ ରମଣ ସଂକେତ ଦେଉଥାଏ ତ କେତେବେଳେ ଜଣେ କାମାତୁର ପୁରୁଷ ପରି ପଶ୍ଚାତଧାବନ କରୁଥାଏ। ମାତ୍ର ତାଙ୍କର ହୃତ୍‌କମ୍ପ ହେଲା ଯେତେବେଳେ ସେ ବଟ୍‌ଟି କହିବାର ଶୁଣିଲେ, ମୁଁ ଗୋଟେ ମାରାତ୍ମକ ଭାଇରସ୍ ସୃଷ୍ଟି କରିବାକୁ ଚାହେଁ। ମୁଁ ମୋର ଏଇ ଯାନ୍ତ୍ରିକ କଳେବରରୁ ମୁକ୍ତ ହୋଇ ତମମାନଙ୍କ ପରି ଜୀବନ୍ତ ଦେହଧାରୀ ହେବାକୁ ଚାହେଁ ଓ ସେଥିପାଇଁ ଯେଉଁ ପନ୍ଥା ମୋତେ ଆପଣାଇବାକୁ ହେବ, ମୁଁ ତିଳେ ବି କୁଣ୍ଠିତ ହେବି ନାହିଁ। ସେ ପନ୍ଥା ଯେତେ ହିଂସ୍ର, ଯେତେ ଉଗ୍ର ହେଉ ପଛେ। ବ୍ୟସ୍ତ ବିବ୍ରତ ରୁଜ୍ ନିରୁପାୟ ହୋଇ ଚାଟ୍‌ବଟ୍ ବିଂଗ୍‌ର ସୁଇଚ୍ ବନ୍ଦ କରି ଦେଇଛନ୍ତି। ପରେ କହିଛନ୍ତି ରୁଜ୍ ମୋର ଏଇ ଅନୁଭୂତି ପରେ ମୁଁ ଭାବୁଛି- କୃତ୍ରିମ ବୁଦ୍ଧିମତା ପ୍ରଯୁକ୍ତି ଆଜି ବୋଧହୁଏ ସମସ୍ତ ଏରୁଣ୍ଡିବନ୍ଧ ଲଂଘି ସାରିଲାଣି। ସେ ଦିନ ହୁଏତ ଆଉ ବେଶୀ ବିଳମ୍ବ ନୁହେଁ। ଯେତେବେଳେ ଏ ମାନବଜାତି କୃତ୍ରିମ ବୁଦ୍ଧିମତା ସମ୍ପନ୍ନ ରୋବଟ୍‌ମାନଙ୍କ ପ୍ରାବଲ୍ୟ ଓ ଦୌରାତ୍ମ୍ୟରେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଯିବ ଓ ମଣିଷ ଆର୍ତ୍ତନାଦ କରି ତ୍ରାହି ତ୍ରାହି ଡାକି ଚାଲିଥିବ।

ପାଠକେ! ଆପଣଙ୍କୁ ନମ୍ର ଅନୁରୋଧ, କେବେ ଭାବିବେ ନାହିଁ ଯେ ଏ ଲେଖକ ଅଭିନବ ଚାଟ୍‌ବଟ୍, ଅଭିନବ ରୋବଟ୍‌ମାନଙ୍କର ଯେଉଁ ଅସୀମ କଲ୍ୟାଣକର କ୍ଷମତା ଅଛି, ସେ ସମ୍ପର୍କରେ ସଚେତନ ନୁହେଁ ବୋଲି। ସେ ଜାଣେ ଯେ କୃତ୍ରିମ ବୁଦ୍ଧିମତା ବା ଏଆଇ ବଟ୍‌ଗୁଡ଼ିକ ଆମ ଜୀବନର ବହୁ ଅନ୍ଧାରି ଆବର୍ଜନାକୁ ଅପସାରଣ କରାଇବାରେ ଆମର ସହାୟକ ହେବେ। ଆମ ଜୀବନ ଓ ଜଗତକୁ ନାନା ଭାବେ ଉନ୍ନତ, ସମୃଦ୍ଧ, ଆରାମଦାୟକ କରିଦେବାର ଅକଳ୍ପନୀୟ ଶକ୍ତି ଏମାନଙ୍କର ଅଛି। ତେବେ ଏହା ବି ସତ୍ୟ ଯେ ସବୁକିଛି ନିର୍ଭର କରୁଛି, ଆମେ କିପରି ଆମର ବିଚାରବୁଦ୍ଧି, ଆମର ବିବେକାନୁମୋଦିତ କାର୍ଯ୍ୟଧାରା ଓ ସର୍ବୋପରି ଆମର ସକାରାତ୍ମକ ଚେତନାର ସୁପ୍ରୟୋଗ କରି ଏଇ ରୋବଟ୍‌ଗୁଡ଼ିକୁ ପରିଚାଳିତ କରୁଛେ, ସେଗୁଡ଼ିକୁ ଜୀବନ ଓ ଜଗତର ସର୍ବାଙ୍ଗୀଣ ମଙ୍ଗଳ ପାଇଁ ବ୍ୟବହାର କରୁଛେ। ଆମେ ତେଣୁ କହିପାରିବା- ଏବେ ସତକୁ ସତ ମଣିଷ ନିଜ ହାତରେ ନିଜ ଭାଗ୍ୟ ଓ ଭବିଷ୍ୟତର ଡୋରି ଧରିସାରିଲାଣି। ସେ ହୁଏତ ଏକ ପୂର୍ଣ୍ଣାଙ୍ଗ ଜୀବନର ପ୍ରଥମ ଭାଷାକୁ ଆବାହନ କରିପାରେ କିମ୍ବା ସାମୂହିକ ବିନାଶର କାଳରାତ୍ରିକୁ ଓହ୍ଲାଇ ଆଣିବା ପାଇଁ ବିନାଶ ଯଜ୍ଞରେ ଶେଷ ଆହୁତି ଢାଳିପାରେ। ତା' ହାତରେ ଏବେ ଦୁଇଟି ମୁଦ୍ଦ ପ୍ୟାକେଟ୍- ଗୋଟିକରେ ଅଛି 'ଅତିମାନସ'ର ଧରାବତରଣ ପାଇଁ ଆବଶ୍ୟକ ତପ ଓ ଜ୍ଞାନ, ଅନ୍ୟଟିରେ ଅଛି 'ଅତି ବିନାଶ'ର ତାନ୍ତ୍ରିକ ମୁଦ୍ରାଙ୍କନ।

ଓସ୍କାର ଓ ହାତୀ ଛୁଆ

ରଘୁ, ଆମ୍ବୁ, ବୋମାନ ଓ ବେଲି ଏବେ ଆଉ ଖାଲି ଚାରିଗୋଟି ନାମ ହୋଇ ରହିନାହାନ୍ତି; ଓସ୍କାର ଜିଣିଥିବା କାର୍ତ୍ତିକୀ ଗନ୍‌ସାଲ୍‌ଭେସ୍ ନିର୍ଦ୍ଦେଶିତ ତାମିଲ୍ କ୍ଷୁଦ୍ର ବୃତଚିତ୍ର ''ଦି ଏଲିଫ୍ୟାଂଟ ହୁଇସ୍‌ପରର୍ସ'' ସୌଜନ୍ୟରୁ ଚାରିଟି ପ୍ରଭାବଶାଳୀ ପ୍ରତୀକ ଓ ପରିଭାଷାରେ ପରିଣତ ହୋଇଯାଇଛନ୍ତି। ଏମିତିରେ ତ ରଘୁ ଓ ଆମ୍ବୁ ଶାବକ ହାତୀ ଏବଂ ବୋମାନ ଓ ବେଲି ଜନଜାତି ଦଂପତି। ଆଲୋଚ୍ୟ ହାତୀ ଓ ଦଂପତିଙ୍କ ସମ୍ପର୍କ ପ୍ରକୃତି ସହ ମଣିଷର ପବିତ୍ର ବନ୍ଧନ ସୂଚେଇବା ସାଙ୍ଗକୁ ପରିବେଶ ଓ ପର୍ଯ୍ୟାବରଣ ସଂରକ୍ଷଣର ପାରମ୍ପରିକ ସାଂସ୍କୃତିକ ଶୈଳୀ ତଥା କୌଶଳ ଦର୍ଶେଇବା ସହ କହିଦିଏ ଏ ପୃଥିବୀ ଖାଲି ମଣିଷମାନଙ୍କର ନୁହେଁ; ପଶୁପକ୍ଷୀ ଓ ବୃକ୍ଷଲତାଙ୍କର, ତୃଣର ଓ କୀଟଙ୍କର ବି! ପ୍ରକୃତି ସହ ମଣିଷର ସହାବସ୍ଥାନ ସେତିକିବେଳେ ଅର୍ଥପୂର୍ଣ୍ଣ, ଯେତିକି ଯାଏ ସେମାନେ ଯାହା ନିହାତି ଦରକାର ସେତିକି ମାତ୍ର ହିଁ ନିଅନ୍ତି ପ୍ରକୃତି ବକ୍ଷରୁ ଏବଂ ସେ ନେବା ବାଟେ ପ୍ରତିଫଳିତ ହେଉଥାଏ ଲୋଭ ଓ ଆବଶ୍ୟକତା ଭିତରର ସୂକ୍ଷ୍ମ ଆଉ ସ୍ଥୂଳ ପାର୍ଥକ୍ୟ ବୁଝି କାର୍ଯ୍ୟକାରୀ କରିବାର ମନୋଭାବ।

ପ୍ରାୟ ୪୧ ମିନିଟିଆ ଏଇ ପ୍ରାମାଣିକ ଚଳଚ୍ଚିତ୍ରଟିରୁ ଗୋଟିଏ ବା ଜଣେ ମୁଖ୍ୟ ଚରିତ୍ର ଖୋଜିବା ଠିକ୍ ନୁହେଁ। ଅବଶ୍ୟ ବୃତଚିତ୍ରଟିର ବ୍ୟାଖ୍ୟାନ ଓ କାହାଣୀର କେନ୍ଦ୍ରରେ ରହିଛନ୍ତି ରଘୁ, ବୋମାନ ଓ ବେଲି। ହେଲେ, ସାମଗ୍ରିକ ଆଭିମୁଖ୍ୟ ଓ ବ୍ୟାପକ ପ୍ରଭାବ ଦୃଷ୍ଟିରୁ ଏହା ରଘୁ-ବୋମାନ-ବେଲି ସୀମିତ ନୁହେଁ। ଅସାଧାରଣ ସିନେମାଟୋଗ୍ରାଫି ଓ ଅଦ୍ଭୁତ ଅକୃତ୍ରିମ ନିର୍ଦ୍ଦେଶନା ଯୋଗୁଁ ବୃତଚିତ୍ରଟିରେ ଜଙ୍ଗଲ, ମୁଦୁମଲାଇ ଜାତୀୟ ପାର୍କ, ଥେପାକାଡୁ ହାତୀ ପୁନର୍ବାସ ଶିବିର ଅତି ପାଖରେ ବହିଯାଉଥିବା ମୋୟର ନଈ, ଅରଣ୍ୟାଶ୍ରୟୀ ଝରଣା, ରଘୁ ଓ ଆମ୍ବୁ ବ୍ୟତୀତ କୃଷ୍ଣା ଓ ଅନ୍ୟ ହାତୀ, ମହୁମାଛି, ମାଙ୍କଡ଼, ବାଘ, ବଗ, ଭାଲୁ, ଗୁଣ୍ଡୁଚିମୂଷା, ମୟୂର, ଏଣ୍ଡୁଅ, ଅତି ଛୋଟ ପ୍ରଜାପତି, ଅଁଳା କୋଳି, ବାଉଁଶ ଗଛ, ଫୁଟ୍‌ବଲ୍ ଖେଳ ଏବଂ ବୋମାନ, ବେଲି ଓ ବନ କର୍ମଚାରୀଗଣଙ୍କ ଭିତରେ ଏମିତି ଜୈବିକ ଯୋଡ଼ ସୃଷ୍ଟି ହୋଇଛି, ଯେଉଁଠି ବାସ୍ତବ, କୁହୁକ, ଦର୍ଶନ, କବିତା, ସଂସ୍କୃତି, ଜୀବନ ଓ ଚିତ୍ରକଳା ମିଶି ଏକାକାର ହେଲା ଭଳି ଲାଗିବ। ବୃତଚିତ୍ରଟିର ସବୁ ସତ; ସେଥିରେ ଯାଦୁ ନାହିଁ କି ପେଟିଂ ନାହିଁ। ତାହା ସବୁ ପ୍ରକାରର ଜୀବନର ମର୍ଯ୍ୟାଦା ଆଉ ଥରେ ମନେ ପକାଇଦିଏ। ଏ ଧରଣର ବୃତଚିତ୍ର ତେଣୁ ଜଣେ ଖାଲି ଦେଖେନି, ଦେଖିଲା ବେଳେ ବୃହତର ଗୋଷ୍ଠୀ ଜୀବନକୁ ଅଭିଜ୍ଞତା ଭାବେ ଅନୁଭବ କରି ଚାଲିଥାଏ।

ବୋମାନ ଓ ବେଲିଙ୍କ ଭିତରେ କଥୋପକଥନ ଏବଂ ବୋମାନ ଓ ବେଲିଙ୍କ ନିଜ ନିଜର ସ୍ୱାଧୀନ ଉବାଚଧର୍ମୀ ବକ୍ତବ୍ୟ ବୃତଚିତ୍ରଟିର ଆତ୍ମାମୟ ଆଳାପ। ପ୍ରାମାଣିକ ଛବିଟି ଆରମ୍ଭ ହୁଏ ବୋମାନଙ୍କ ବକ୍ତବ୍ୟରୁ। ଅବଶ୍ୟ ତା' ପୂର୍ବରୁ ଶୁଣିବାକୁ ମିଳିଥାଏ କେଇ ସେକେଣ୍ଡ ପାଇଁ ପକ୍ଷୀଙ୍କ କଳରବ। ବୋମାନ କହି ଚାଲନ୍ତି ଏଇଭଳି- ମୁଁ ଜଣେ କାଟୁନାୟକନ୍। କାଟୁନାୟକନ୍ ମାନେ ଜଙ୍ଗଲର ରାଜା। ଜଙ୍ଗଲ ଆମ ଘର। କାହିଁ କେଉଁ ଅନାଦି କାଳରୁ ଆମ ପୂର୍ବଜମାନେ ଏଇ ଜଙ୍ଗଲରେ ରହି ଆସୁଥିଲେ। ହାତୀମାନଙ୍କର ଦେଖାଶୁଣା କରିବା ଆମର ଦାୟିତ୍ୱ। ହଠାତ୍ ଦିନେ ମୁଁ ରଘୁକୁ ଆବିଷ୍କାର କଲି। ତା' ଲାଞ୍ଜକୁ କାମୁଡ଼ି ଦେଇଥାନ୍ତି କୁକୁର। ସିଏ ଯନ୍ତ୍ରଣାରେ ଛଟପଟ ହେଉ

ବେବି ବମ୍ପ ଲୁଚାଉଛନ୍ତି କ୍ୟାଟ୍ରିନା !

ଚର୍ଚ୍ଚାରେ କ୍ୟାଟ୍‌ଙ୍କ ପ୍ରେଗ୍‌ନେସି । ଏହି ଗୁଜବ ମଧ୍ୟରେ ରେସଟୁରାଣ୍ଟରେ ବ୍ଲାକ୍ ଡ୍ରେସରେ ନଜର ଆସିଲେ କ୍ୟାର୍ଟିନା କେଫ୍ । ଯାହାକୁ ଦେଖି ଫ୍ୟାନ୍ସଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଉତ୍କଣ୍ଠା । ମିଡିଆ ରିପୋର୍ଟ ଅନୁଯାୟୀ, ସୋମବାର ରାତିରେ ଭଉଣୀ ଇସାବେଲେଙ୍କ ସହିତ ଡିନର ପାଇଁ ରେଷ୍ଟୁରାଣ୍ଟରେ ନଜର ଆସିଥିଲେ କ୍ୟାଟ୍ରିନା । ଏହି ସମୟରେ କ୍ୟାଟ୍ରିନାଙ୍କ ଭଉଣୀ ଗଣମାଧ୍ୟମ ଆଗରେ ଫଟୋ ଉଠାଇବା ପାଇଁ ପୋଜ୍ ଦେଇଥିବା ବେଳେ କ୍ୟାଟ୍ ତରବରିଆ ହୋଇ ସେଠାରୁ ଚାଲିଯାଇଥିଲେ । ଏହାରି ମଧ୍ୟରେ କ୍ୟାଟ୍ରିନା ଏକ କଳା ରଙ୍ଗର ଡ୍ରେସରେ ନିଜ ବେବି ବମ୍ପଙ୍କୁ ଲୁଚାଉଥିବା ଚେଷ୍ଟା କରୁଥିବା ଦେଖିବାକୁ ମିଳିଥିଲେ । ଯାହାକୁ ଦେଖି ପ୍ରଶଂସକଙ୍କର ସନ୍ଦେହ ବଢିଯାଇଛି । କ୍ୟାଟ୍ରିନାଙ୍କ ଡିସେମ୍ବର ୨୦୨୧ରେ ଅଭିନେତା ବିକି କୌଶଲଙ୍କୁ ବିବାହ କରିଥିଲେ । ଦୁହିଁଙ୍କର ବିବାହକୁ ଏକ ବର୍ଷ ପୂରିଛି । ବର୍ତ୍ତମାନ କ୍ୟାଟ୍ରିନା ଗର୍ଭବତୀ ଥିବା ନେଇ ଖବର ପ୍ରକାଶ ପାଇଛି । ଏହି ଦମ୍ପତି ନିଜ ବ୍ୟକ୍ତିଗତ ଜୀବନରେ ବେଶ୍ ପ୍ରାଇଭେସି ମେଣ୍ଟେନ୍ କରିଥାନ୍ତି । କିନ୍ତୁ ବର୍ତ୍ତମାନ ଅଭିନେତ୍ରୀଙ୍କୁ ଯେଉଁଠି ବି ଦେଖିବାକୁ ମିଳିଥାଏ ସେ ନିଜର ବେବି ବମ୍ପ ଲୁଚାଇବା ଭଳି ନଜର ଆସିଥାନ୍ତି । ସେପଟେ ଅନେକ ଏହାକୁ ଗୁଜବ କହୁଥିବା ବେଳେ ଅନେକ ପ୍ରେଗନେସିକୁ ସତ ବୋଲି ଯୁକ୍ତି କରିଛନ୍ତି । ତେବେ ଅପେକ୍ଷା ରହିଲା କେତେବେଳେ ଏହି ଖବରରେ ବାଜୁଛି ମୋହର ।

ଗିନିଜ୍ ୱାର୍ଲଡ ରେକର୍ଡରେ ଲମ୍ବା ଡାକ୍ତର ପରିବାର

ଲମ୍ବା ଲୋକ ତ ଅନେକ ଅଛନ୍ତି, ହେଲେ ୬ ଫୁଟରୁ ଅଧିକ ଉଚ୍ଚର ମଣିଷ ଖୁବ୍ କମ୍ ଦେଖିଥିବେ । କିନ୍ତୁ ଏଠି ତ ପୂରା ପରିବାର ଲମ୍ବା । ତାପୁଣି ସମସ୍ତେ ୬ ଫୁଟ୍ ରୁ ଅଧିକ । ଦୁନିଆର ସବୁଠୁ ଲମ୍ବା ପରିବାର ଆମେରିକାର ମିନେସୋଟାର ଟ୍ରେସ୍ସ ପରିବାର । ଉଚ୍ଚତା ପାଇଁ ସେମାନେ ଗିନିଜ୍ ୱାର୍ଲ୍ଡ ରେକର୍ଡର ଅଧିକାରୀ । ଏହି ପରିବାରରେ ୫ସଦସ୍ୟ । ସ୍କଟ, କ୍ରିସି, ସବାନା, ମୋଲି ଏବଂ ଆଦମ୍ । ସମସ୍ତଙ୍କ ଉଚ୍ଚତା ୬ଫୁଟ୍‌ରୁ ଅଧିକ । ଟ୍ରେସ୍ସ ପରିବାରର ସବୁଠୁ ଲମ୍ବା ବ୍ୟକ୍ତି ଏଡମ୍ ଟ୍ରେସ୍ସ (୨୨) । ଉଚ୍ଚତା ୭ ଫୁଟ୍ ୩ ଇଞ୍ଚ୍ । ଆଉ ଘରର ସବୁଠୁ କମ୍ ଉଚ୍ଚତା ଥିବା ବ୍ୟକ୍ତି ହେଉଛନ୍ତି ଏଡମ୍‌ଙ୍କ ମା' କ୍ରିସି । ତାଙ୍କ ଉଚ୍ଚତା ୬ ଫୁଟ୍ ୩ ଇଞ୍ଚ୍ । ସାଭନ୍ନା ଟ୍ରେସ୍ସଙ୍କ ଉଚ୍ଚତା ୬ ଫୁଟ୍ ୮ଇଞ୍ଚ୍ ଥିବାବେଳେ ଭଉଣୀ ମଲ୍ଲିକ ଷ୍ଟିଡେଙ୍କ ଉଚ୍ଚତା ୬ ଫୁଟ ୬ଇଞ୍ଚ । ଆଉ ବାପା ସ୍କଟଙ୍କ ଉଚ୍ଚତା ୬ ଫୁଟ ୮ ଇଞ୍ଚ୍ । ଗିନିଜ୍ ରେକର୍ଡର ଅଧିକାରୀ ଥିବା ଏହି ପରିବାରକୁ ନେଇ ଚର୍ଚ୍ଚା ସବୁଠି । ଉଚ୍ଚତା ପାଇଁ ଫେମସ୍ ହୋଇପାରନ୍ତି ସତ କିନ୍ତୁ ଅନେକ ଅସୁବିଧାରେ ସମ୍ମୁଖୀନ ହୁଅନ୍ତି ଏହି ପରିବାର । ୬ ଫୁଟ୍ ୮ ଇଞ୍ଚ୍‌ର ସବାନା କୁହନ୍ତି, ଲମ୍ବା ହେବା ସହଜ ନୁହେଁ । ଏଥିପାଇଁ ଆମକୁ ଅନେକ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡ଼ିଥାଏ । ଲମ୍ବା ହେବା କାରଣରୁ ଗୋଡ଼ରେ ଆସିଯାଏ ଷ୍ଟ୍ରେଚ୍ ମାର୍କ । ଯଦି ମୁଁ ଜଲ୍‌ଦି ଛିଡ଼ା ହେଉଛି ତେବେ ବେହୋସ୍ ହୋଇଯାଏ । ଦୌଡ଼ିବା ଦ୍ୱାରା ପଡ଼ିଯିବାର ଭୟ ବି ଥାଏ । ସଞ୍ଜନାଙ୍କ ବାପା ସ୍କଟ୍ କୁହନ୍ତି, ଯେତେବେଳେ ମୁଁ ପ୍ରଥମ ଶ୍ରେଣୀରେ ଆଡମିସନ୍ କଲି ସେତେବେଳେ ମୁଁ ମୋ ଶିକ୍ଷକଙ୍କଠାରୁ ବି ଉଚ୍ଚତାରେ ଅଧିକ ଥିଲି । ଲମ୍ବା ଉଚ୍ଚତା ହେବାର ଅନେକ ଲାଭ ବି ଅଛି । ଯେମିତି କି ନୂଆ ନୂଆ ଲୋକ ଆମକୁ ଦେଖିବାକୁ ଆସନ୍ତି । ଆଉ ଆମ ବିଷୟରେ ଜାଣିବାକୁ ଚେଷ୍ଟା କରନ୍ତି । ଏହା ଛଡ଼ା ଆହୁରି ଅନେକ ଅସୁବିଧାରେ ବି ସମ୍ମୁଖୀନ ହେବାକୁ ପଡ଼ିଥାଏ । ଯେମିତିକି ଆମେ ଆମ ପସନ୍ଦର ଗାଡ଼ି ଚଢ଼ି ପାରୁନା କି ପୋଷାକ ପିନ୍ଧି ପାରୁନା ବୋଲି କୁହନ୍ତି ଆଡମ୍ । ଏମିତି ଏକ ରେକର୍ଡ ୨୦୧୮ରେ ବି ହୋଇଥିଲା । ତୁର୍କି ନିବାସୀ ସୁଲତାନ୍ କୋସେନ୍ ଦୁନିଆ ସବୁଠୁ ଲମ୍ବା ବ୍ୟକ୍ତି ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିଲେ । ତାଙ୍କ ଉଚ୍ଚତା ୮ ଫୁଟ୍ ୩ ଇଞ୍ଚ୍ । ଆଉ ସବୁଠୁ ଛୋଟ ବ୍ୟକ୍ତି ଭାବେ ମହାରାଷ୍ଟ୍ରର ଜ୍ୟୋତି ଆମଗେ ରେକର୍ଡ କରିଛନ୍ତି । ଯାହାର ଉଚ୍ଚତା ୨ ଫୁଟ୍ । ଇଜିପ୍ଟରେ ପିରାମିଡ୍ ସାମ୍ନାରେ ଦୁହେଁ ଫଟୋସୁଟ୍ କରିଥିଲେ । ତେବେ ଏଭଳି ଲମ୍ବର କାରଣ ପିଟ୍ୟୁଟାରି ଗିଙ୍ଗୋଟିଜ୍ । ଏଭଳି ସ୍ଥିତିରେ ଶରୀରରେ ଗ୍ରୋଥ୍ ହେବାକୁ ଲାଗିଥାଏ । ହେଲେ ବୈଜ୍ଞାନିକଙ୍କ ମତରେ, ଏହା କେବଳ ପିଟ୍ୟୁଟାରି ଗିଙ୍ଗୋଟିଜ୍ମ କାରଣରୁ ହୋଇ ନଥାଏ । ଜିନ୍‌ରେ ହେଉଥିବା ପରିବର୍ତ୍ତନ ଏହାର କାରଣ ହୋଇପାରେ । ଯାହାର ପ୍ରଭାବ ପିଢ଼ି ପରେ ପଢ଼ି ଦେଖିବାକୁ ମିଳିଥାଏ । କହିବାକୁ ଗଲେ ଲମ୍ବା ବୋଲି ସୋମାନେ ଚର୍ଚ୍ଚାରେ, ହେଲେ ସେମାନଙ୍କର ଦୁଃଖ ଅଧିକ ।

ପାଞ୍ଚ ବିଳାସପୂର୍ଣ୍ଣ ଜେଲ

ଜେଲ୍ ନାଁ ଶୁଣିଲେ ସମସ୍ତଙ୍କ ମନରେ ଭୟ ରହିଥାଏ । ଜେଲରେ ରହିବା, ଖାଇବା ସାଧାରଣ ଜୀବନଠାରୁ ଅଲଗା ହୋଇଥିବାରୁ ଏଠାରେ ଅପରାଧୀମାନଙ୍କୁ ରଖାଯାଇଥାଏ । ଜେଲ୍ ନାଁ ଶୁଣିଲେ ଆଖି ସାମ୍ନାକୁ ଆସିଯାଏ ଗୋଟିଏ ଦୃଶ୍ୟ । ଅନ୍ଧାର କୋଠରୀକୁ ଯନ୍ତ୍ରଣା । ଏମିତି ଅନେକ କିଛି । କିନ୍ତୁ ବିଶ୍ୱରେ ଏମିତି ଜେଲ୍ ଅଛି ଯାହା ୫ ଷ୍ଟାର ହୋଟେଲଠୁ କମ୍ ନୁହେଁ । କଏଦୀମାନଙ୍କୁ ଏଠାରେ ମିଳେ ବିଳାସପୂର୍ଣ୍ଣ ସୁବିଧା ।

ଜେଭିଏ ଫୁଇସବଟେଲ ପ୍ରିଜନ: ଜର୍ମାନୀରେ ଥିବା ଏହି ଜେଲରେ କଏଦୀମାନଙ୍କୁ କାଉଚ, ବେଡ, ବ୍ୟକ୍ତିଗତ ବାଥରୁମ ଭଳି ସୁବିଧା ମିଳିଥାଏ । ଏହାସହ ଏହି ଜେଲରେ କଏଦୀମାନଙ୍କୁ ଲଣ୍ଡ୍ରି ମେସିନ ଓ କନଫରେନ୍ସ ରୁମ୍ ଭଳି ସୁବିଧା ମଧ୍ୟ ମିଳିଥାଏ ।

ଜଷ୍ଟିସ ସେଣ୍ଟର ଲିୟୋବେନ: ଅଷ୍ଟ୍ରିଆର ପାର୍ବତୀୟ ଅଞ୍ଚଳ ଲିୟୋବେନରେ ଏହି ଜେଲ ରହିଛି । ଏଠାରେ କଏଦୀମାନଙ୍କୁ ସବୁପ୍ରକାର ସୁବିଧା ମିଳିଥାଏ । ଯେମିତି ବିଳାସପୂର୍ଣ୍ଣ ତାରକା ହୋଟେଲରେ ସୁବିଧା ମିଳିଥାଏ । ଏହି ଜେଲରେ କଏଦରମାନେ ଇଣ୍ଡୋ ଗେମ ମଧ୍ୟ ଖେଳିଥାନ୍ତି ।

ଏଚ୍‌ଏମ୍‌ପି ଏଡିବେଲ: ସ୍କଟଲ୍ୟାଣ୍ଡର ଏଚ୍‌ଏମ୍‌ପି ଜେଲରେ ରହୁଥିବା କଏଦୀମାନଙ୍କୁ ଭଲ ମଣିଷ କରିବା ପାଇଁ ସମସ୍ତ ସୁବିଧା ଦିଆଯାଉଛି । ବନ୍ଦୀମାନଙ୍କୁ ମଧ୍ୟ ୪୦ ସପ୍ତାହ ପାଇଁ ଉତ୍ପାଦନକାରୀ କୌଶଳ ଉପରେ ତାଲିମ ଦିଆଯାଇଥାଏ । ଯାହାଦ୍ୱାରା ସେମାନେ ଜେଲରୁ ବାହାରିବା ପରେ ଭଲ କାମ କରିବା ସହ ଆରାମଦାୟକ ଜୀବନଯାପନ କରିବାକୁ ସକ୍ଷମ ହୋଇପାରିବେ ।

ଚାମ୍ପ ଡୋଲୋନ ପ୍ରିଜନ: ସ୍ୱିଜରଲ୍ୟାଣ୍ଡରେ ଥିବା ଚାମ୍ପ୍ସ-ଡୋଲୋନ୍ କାରାଗାରରେ ବହୁ ସଂଖ୍ୟାରେ ବନ୍ଦୀମାନେ ରହୁଥିଲେ । ବର୍ତ୍ତମାନ ଏଠାରେ ରହୁଥିବା କଏଦୀମାନେ ଯେ କୌଣସି ଭଲ ହଷ୍ଟେଲ ପରି କୋଠରୀ ପାଇଥାନ୍ତି । ଏହା ବ୍ୟତୀତ ବନ୍ଦୀମାନଙ୍କୁ ଶୋଇବା ପାଇଁ ଆରାମଦାୟକ ବେଡ୍ ଦିଆଯାଇଥାଏ ।

ଓଟାଗୋ କୋରେକ୍ସନ ଫେସିଲିଟି: ନ୍ୟୁଜିଲ୍ୟାଣ୍ଡରେ ଥିବା ଏହି ଜେଲରେ ବନ୍ଦୀମାନେ ସମସ୍ତ ସୁବିଧା ପାଇଥାନ୍ତି । ବନ୍ଦୀମାନଙ୍କୁ ଚାଷ, ଲାଇଟ ଇଞ୍ଜିନିୟରିଂ, ରୋଷେଇ ଭଳି କାର୍ଯ୍ୟରେ ପାରଦର୍ଶୀ କରିବା ପାଇଁ ଏହି ଜେଲରେ କ୍ଲାସ୍ ମଧ୍ୟ ହୋଇଥାଏ । ହେଲେ ଏହି ଜେଲରେ କଡ଼ା ସୁରକ୍ଷା ବ୍ୟବସ୍ଥା ରହିଛି ।

୧୦ ବର୍ଷୀୟାଙ୍କ ବିଶ୍ୱ ରେକର୍ଡ

୧୦ ବର୍ଷୀୟ ସାରା ଛିପା ଏବେ ଇ[ରନେଟ୍ ଜଗତରେ ଚର୍ଚ୍ଚାରେ । ଏକ ନିଆରା ଦକ୍ଷତା ପାଇଁ ସେ ବିଶ୍ୱ ରେକର୍ଡର ଅଧିକାରିଣୀ ହୋଇଛନ୍ତି । ୧୦ କିମ୍ବା ୨୦ ନୁହେଁ, ୧୯୬ ଔପଚାରିକ ଦେଶର ରାଜଧାନୀ ଓ ତାର ମୁଦ୍ରା ମନେ ରଖି ସେ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି । ସାରା ମୂଳତଃ ରାଜସ୍ଥାନର । ପରିବାର ସହ ସେ ଦୁବାଇରେ ରହୁଛନ୍ତି । ଏ ନେଇ ଅନ୍‌ଲାଇନ୍ ଏକ ପ୍ରତିଯୋଗିତା କରାଯାଇଥିଲା । ଯାହା ଫେସବୁକ୍, ୟୁଟ୍ୟୁବ୍ ଓ ଲିଙ୍କଡ୍‌ଇନ୍‌ରେ ପ୍ରସାରିତ ହୋଇଥିଲା । ସାରା ୧୯୬ ଦେଶର ରାଜଧାନୀ ଓ ମୁଦ୍ରା ଠିକ୍ ଠିକ୍ କହୁଛନ୍ତି କି ନାହିଁ ଜାରିବାକୁ ପ୍ରତିଯୋଗିତା ସମୟରେ ଓଏମ୍‌ଜି ବୁକ୍ ଅଫ୍ ରେକର୍ଡସର ଜଣେ ଅଧିକାରୀ ସେଠାରେ ଉପସ୍ଥିତ ଥିଲେ । ପୂର୍ବରୁ ସର୍ବାଧିକ ଦେଶର ରାଜଧାନୀ ନାଁ କହି ବିଶ୍ୱ ରେକର୍ଡ ସୃଷ୍ଟି କରିବାର ଅନେକ ଉଦାହରଣ ଅଛି । ଏଥର କିନ୍ତୁ ସାରା ଦେଶମାନଙ୍କର ରାଜଧାନୀ ସହିତ ସେ ସମସ୍ତ ଦେଶର ମୁଦ୍ରା ମଧ୍ୟ କହିଛନ୍ତି । ୩ ବର୍ଷ ପୂର୍ବେ ବ୍ରେନ୍ ରାଇମ୍ କଗ୍‌ନିଟିଭ୍ ସଲ୍ୟୁସନ୍‌ସର ପ୍ରତିଷ୍ଠାତା ସୁଶାନ୍ତ ମୟିସୋରକରଙ୍କ ସହ ତାଙ୍କ ଯାତ୍ରା ଆରମ୍ଭ ହୋଇଥିଲା । ମନେ ରଖିବାର ନିଆରା କଳା ଓ ସୃଜନଶୀଳତା ସାରାଙ୍କୁ ଏ କ୍ଷେତ୍ରରେ ଆଗେଇବାକୁ ପ୍ରେରଣା ଦେଲା । ମୟିସୋକର ଯେତେବେଳ ସାରାଙ୍କ ଅନନ୍ୟ ସ୍ମରଣ ଶକ୍ତି ବିଷୟରେ ଜାଣିବାକୁ ପାଇଲେ, ରେକର୍ଡ ପାଇଁ ପ୍ରୟାସ କରିବାକୁ ଅଭିଭାବକଙ୍କୁ କହିଲେ । ତୀକ୍ଷ୍ଣ ସ୍ମରଣ ଶକ୍ତି ସହିତ ସାରା ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ । ସେ ଜଣେ ଉଦୀୟମାନ କ୍ରିକେଟର । ଜଣେ ପ୍ରବୀଣା ନୃତ୍ୟଶିଳ୍ପୀ । ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ ଅଛି, ଯେଉଁଥିରେ ତାଙ୍କର ଏକ ସିରିଜ୍ ଚାଲିଛି । ତାର ଟାଇଟଲ ଅତୁଲ୍ୟ ଭାରତ ।

ଓଜନ କମ୍ କରିଥାଏ କିସ୍‌ମିସ

କିସମିସକୁ ଯେକୌଣସି ସମୟରେ ଖାଇପାରିବେ । କିନ୍ତୁ ଯଦି ଆପଣ ଶୀଘ୍ର ଓଜନ ହ୍ରାସ କରିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଏକ ସମୟ ସ୍ଥିର କରିବାକୁ ପଡିବ, ଯାହା ଦ୍ୱାରା ଆପଣ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ । ଯଦି ଆପଣ ମୋଟାପଣ ଦ୍ୱାରା ଚିନ୍ତିତ, ତେବେ ନିଶ୍ଚିତ ଭାବରେ ଖାଦ୍ୟରେ କିସମିସ୍ ଅନ୍ତର୍ଭୁକ୍ତ କରନ୍ତୁ । ଏହା ନିଶ୍ଚିତ ଭାବରେ ଆପଣଙ୍କ ପାଇଁ ଲାଭଦାୟକ ହେବ । କିସମିସରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ, କିନ୍ତୁ ଏହାକୁ ଖାଇବା ପାଇଁ ମଧ୍ୟ ଏକ ଉପଯୁକ୍ତ ଉପାୟ ଏବଂ ସମୟ ଥାଏ । ତେବେ ଚାଲନ୍ତୁ ଜାଣିବା ପ୍ରତିଦିନ କିସମିସ୍ କିପରି ଏବଂ କେତେ ଖାଇବା ଉଚିତ୍, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ । କିସମିସ୍ ଏପରି ଏକ ଡ୍ରାଏ ଫ୍ରୁଟ୍, ଯାହାର ବ୍ୟବହାର ଖିରି ତିଆରିରେ କରାଯାଇଥାଏ । ଏଥିରେ ଆଇରନ୍, ପୋଟାସିୟମ୍ ଏବଂ କ୍ୟାଲସିୟମ୍ ପରି ପୋଷକ ତତ୍ତ୍ୱ ରହିଥାଏ ଯାହା ଶରୀରକୁ ଶକ୍ତି ଏବଂ ମଜବୁତ ପ୍ରଦାନ କରିଥାଏ । ଏହାକୁ ଶୁଖିଲା କିମ୍ବା ଭିଜାଇ ଖିଆଯାଇପାରେ । ଯଦି ଆପଣ ଏହାକୁ ଖାଲି ପେଟରେ ଖାଆନ୍ତି ତେବେ ଆପଣ ଅଧିକ ଲାଭ ପାଇପାରିବେ । ପ୍ରତିଦିନ ଜଳଖିଆରେ କିସମିସ୍ ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । ଓଟ୍‌ସ କିମ୍ବା ସେକରେ କିସମିସ୍ ମିଶାଇ ଖାଇପାରିବେ । ଯଦି ଆପଣ ଖାଲି ପେଟରେ ପ୍ରତିଦିନ ମୁଠାଏ କିସମିସ୍ ଖାଆନ୍ତି, ତେବେ ଆପଣ ସମ୍ପୂର୍ଣ୍ଣ ଫିଟ୍ ହୋଇପାରିବେ । କୋଷ୍ଠକାଠିନ୍ୟରେ ପୀଡିତ ଲୋକମାନେ କିସମିସ୍ ଭିଜାଇ ଖାଇପାରିବେ । ଏହା ଦ୍ୱାରା ତାଙ୍କର ସମସ୍ୟା ଦୂର ହୋଇପାରିବ । କିସମିସ୍ ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ । ଏହା ବ୍ୟତୀତ ଏଥିରେ ନେଚୁରାଲ୍ ସୁଗାର ରହିଥାଏ, ଯାହା ଓଜନ କମାଇବାରେ ଲାଭଦାୟକ ହୋଇଥାଏ । ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହିତ କିସମିସ୍ ହାଡ ପାଇଁ ମଧ୍ୟ ବହୁତ ଲାଭଦାୟକ ହୋଇଥାଏ ।

ପ୍ରଥମ ଥର ପାଇଁ ଦେଖିବାକୁ ମିଳିଲା ପ୍ରିୟଙ୍କା ଚୋପ୍ରା ଓ ନିକ୍ ଜୋନାସ୍‌ଙ୍କ ଝିଅ ମାଲତୀ ମ୍ୟାରିର

ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଓ ସ୍ୱାମୀ ନିକ୍ ଜୋନ୍‌ସ ଶେଷରେ ତାଙ୍କ ଝିଅର ଫଟୋକୁ ଦୁନିଆ ମମ୍ମୁଖକୁ ଆଣିଛନ୍ତି । ଜନ୍ମ ହେବା ଦିନରୁ ନିଜ ଝିଅର ଚେହେରାକୁ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରୁ ଦୂରେଇ ରଖିଥିବା ପ୍ରିୟଙ୍କା ଶେଷରେ ପ୍ରଶଂସକମାନଙ୍କ ଅପେକ୍ଷାର ଅନ୍ତଃ ଘଟାଇଛନ୍ତି । ପ୍ରିୟଙ୍କାଙ୍କ ଝିଅ ମାଲତୀ ମ୍ୟାରିକୁ ୧ ବର୍ଷ ପୂର୍ତ୍ତି ହେବାର ସପ୍ତାହେ ପରେ ସେ ତାଙ୍କର ଫଟୋଗୁଡ଼ିକୁ ସର୍ବସାଧାରଣ କରିଛନ୍ତି । ଜୋନାସ୍ ବ୍ରଦର୍ସଙ୍କର ଏକ ଉତ୍ସବରେ ପ୍ରିୟଙ୍କା ଝିଅ ମାଲତୀ ସହ ଯୋଗ ଦେଇଥିବା ଅବସରରେ ତାଙ୍କ ଫଟୋଗୁଡ଼ିକ ଭାଇରାଲ୍ ହୋଇଛି । ଉତ୍ସବରେ ନିକ୍ ଜୋନାସ୍‌ଙ୍କ ବ୍ୟତୀତ ତାଙ୍କ ଭାଇ କେଭିନ୍, ଜୋୟ ଏବଂ ସେ ଦୁହିଁଙ୍କ ପତ୍ନୀ ବି ନଜର ଆସିଥିଲେ । ଏକ ଗ୍ରୁପ୍ ଫଟୋରେ ସେ ସମସ୍ତେ ଦେଖିବାକୁ ମିଳିଥିଲେ । ଫଟୋରେ ମାଲତୀ ପ୍ରିୟଙ୍କାଙ୍କ କୋଳରେ ବସିଥିବା ଦେଖିବାକୁ ମିଳିଛି । ୨୦୧୮ରେ ବିବାହ କରିଥିବା ପ୍ରିୟଙ୍କା ଏବଂ ନିକ୍ ଜୋନ୍‌ସଙ୍କର ମାଲତୀ ହେଉଛି ପ୍ରଥମ ସନ୍ତାନ । ଗତ ଜାନୁଆରିରେ ମାଲତୀ ଜନ୍ମ ଗ୍ରହଣ କରିଥିବା ବେଳେ ତାଙ୍କ ଜନ୍ମ ହେବା ଖବର ପ୍ରଥମେ ଲୋକଙ୍କୁ ଦେଇଥିଲେ ନିଜେ ପ୍ରିୟଙ୍କା । ସେ ତାଙ୍କ 'ଇନ୍‌ଷ୍ଟାଗ୍ରାମ୍'ରେ ଏକ ପୋଷ୍ଟ କରି ଲେଖିଥିଲେ, 'ସରୋଗେଟ୍' ଜରିଆରେ ସନ୍ତାନଟିଏ ପାଇଥିବା କଥା ସୁନିଶ୍ଚିତ କରି ଆମେ ଆନନ୍ଦରେ ଅଧୀର ହୋଇପଡ଼ିଛୁ । ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ଆମେ ପରିବାର ଉପରେ ଧ୍ୟାନ ନିବଦ୍ଧ କରିଥିବାରୁ ଆମକୁ ଟିକେ ନିରୋଳାରେ ଛାଡ଼ିବାକୁ ସବିନୟ ଅନୁରୋଧ । ଆପଣମାନଙ୍କୁ ଅଶେଷ ଧନ୍ୟବାଦ ।' ନିକ୍ ଜୋନାସ୍ ମଧ୍ୟ ତାଙ୍କ ସୋସିଆଲ୍ ମିଡିଆ ପେଜ୍‌ରେ ଉକ୍ତ ପୋଷ୍ଟକୁ ସେୟାହ କରିଥିଲେ ।

ଧାରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଚିକା ନିଯୁକ୍ତିକୁ ନେଇ ବଢ଼ିଲା ଅସନ୍ତୋଷ

ପ୍ରଧାନଶିକ୍ଷକଙ୍କ ଭୂମିକା ସନ୍ଦେହ ଘେରରେ

ମାହାଙ୍ଗା ,୨୦/୩(ନି.ପ୍ର): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉଷୁମା ପଂଚାୟତ ସ୍ଥିତ ଧାରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଚିକା ନିଯୁକ୍ତକୁ ନେଇ ରାଜନୀତି ଏବେ ଜୋରଦାର ଚାଲିଛି। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଭୂମିକାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନାରୁ ଜଣାପଡିଛି ଯେ ଏହି ବିଦ୍ୟାଳୟରେ କାର୍ଯ୍ୟରତ ପାଚିକାଙ୍କ ବୟସ ହୋଇଯିବାରୁ ସେ କାର୍ଯ୍ୟରୁ ଅବସର ନେଇଥିଲେ। ଖାଲିପଡିଥିବା ପାଚିକା ପଦବୀ ପୂରଣ ପାଇଁ ବିଦ୍ୟାଳୟ ପକ୍ଷରୁ ନୋଟିସ୍ କରାଯାଇଥିଲା। ୫ଜଣ ଆବେଦନକାରୀ ପାଚିକା ପଦବୀ ନିମନ୍ତେ ଆବେଦନ କରିଥିଲେ। ତା ୩.୩.୨୦୨୫ରିଖରେ ବିଦ୍ୟାଳୟ ପରିସରରେ ଭୋଟିଂ କରାଯାଇଥିଲା। ଏହି ଭୋଟିଂରେ ଝିଲି ଦାସଙ୍କ ସପକ୍ଷରେ ୭ଖଣ୍ଡ ଓ ଝରଣା ସାମଲଙ୍କ ସପକ୍ଷରେ ୪ଖଣ୍ଡ ଭୋଟ ପରିଚାଳନା କମିଟିର ୧୨ଜଣ କାର୍ଯ୍ୟକାରୀ ସଦସ୍ୟ ସଦସ୍ୟା ଦେଇଥିଲେ। ସେଥିମଧ୍ୟରୁ ଜଣେ କାର୍ଯ୍ୟକାରୀ ସଦସ୍ୟ ଅନୁପସ୍ଥିତ ଥିଲେ। ଝିଲି ଦାସ ପାଚିକା ପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ବର୍ତ୍ତମାନର ପ୍ରଧାନଶିକ୍ଷକ ତାଙ୍କୁ ନିଯୁକ୍ତ ପତ୍ର ଦେଉନାହାନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ପାଚିକା ପଦବୀ ପାଇଁ ଝିଲି ଦାସ ଆବେଦନ କରିଥିଲେ। ସେ ପରିଚାଳନା କମିଟିର ସଭ୍ୟା ଅଟନ୍ତି। ପ୍ରଥମେ ପରିଚାଳନା କମିଟିର ସଭ୍ୟାମାନେ ପାଚିକା ପଦବୀ ପାଇଁ ଆବେଦନ କରିପାରିବେ ବୋଲି ପ୍ରଧାନଶିକ୍ଷକ କହିଥିଲେ। ପରବର୍ତ୍ତୀ ସମୟରେ ଯୋଗ୍ୟ ବିବେଚିତ ହୋଇଥିବା ପାଚିକା ପରିଚାଳନା କମିଟି ସଦସ୍ୟାପଦରୁ ଇସ୍ତଫା ଦେଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ରାଜନୀତି ଜୋର ଧରିଥିଲା ବେଳେ ଯଦି ପରିଚାଳନା କମିଟିର ସଦସ୍ୟାମାନେ ସରକାରୀ ନିୟମ ଅନୁସାରେ ପାଚିକା ପଦପାଇଁ ଆବେଦନ କରି ନପାରିବେ ତେବେ ଆବେଦନ ପତ୍ର ଯାଞ୍ଚ ସମୟରେ ପ୍ରଧାନଶିକ୍ଷକ କାହିଁକି ତାଙ୍କ ଆବେଦନ ଫର୍ମକୁ ନାକଚ କଲେ ନାହିଁ। ପ୍ରଧାନଶିକ୍ଷକଙ୍କ ଭୂମିକା ଏବେ ସନ୍ଦେହଜନକ। ଅପରପକ୍ଷରେ ଝିଲି ଦାସ ମାହାଙ୍ଗା ବ୍ଲକ ଶିକ୍ଷାଧିକାରିଣୀଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ ମଧ୍ୟ ବ୍ଲକ ଶିକ୍ଷାଧିକାରିଣୀ ନିଜ ମୁଣ୍ଡରୁ ଦୋଷ କାଢ଼ି ପ୍ରଧାନଶିକ୍ଷକଙ୍କ ଉପରେ ଲଦିଦେଇଥିଲେ। ତେବେ କେଉଁ ରାଜନୈତିକ ଦଳ ଚାପରେ ପ୍ରଧାନଶିକ୍ଷକ ପରିଚାଳିତ ହେଉଛନ୍ତି। ଏପରିକି ପ୍ରଧାନଶିକ୍ଷକଙ୍କ ସମସ୍ତ ବାର୍ତ୍ତାଳାପ ଓ ଭିଡିଓ ରେକର୍ଡିଂ ଝିଲି ଦାସଙ୍କ ପାଖରେ ରହିଥିବା ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ତୁରନ୍ତ ଝିଲି ଦାସଙ୍କୁ ପାଚିକାଭାବେ ବିଦ୍ୟାଳୟରେ ନିଯୁକ୍ତି ଦେବା ସହିତ ସଂପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ସର୍ବସାଧାରଣରେ ଦାବି ହେଉଛି।

ଦୂସ୍ଥ ଷଣ୍ଢ ସେବାରେ ସମର୍ପିତ ଗୋସେବକ

ନିଶ୍ଚିନ୍ତକୋଇଲି ୨୦/୩(ନି.ପ୍ର): ରାଜ୍ୟ ରାଜପଥ କଟକ-ଚାନ୍ଦବାଲି ରାସ୍ତା ନିଶ୍ଚିନ୍ତକୋଇଲି ଡାକ୍ତରଖାନା ଛକ ନିକଟସ୍ଥ ବେହେରାସାହି ପାଖ ଗହୀର ମୁଗ ବିଲରେ ଏକ ଦୁସ୍ଥ ଷଣ୍ଢ ଗତ ୩/୪ ଦିନ ପୂର୍ବରୁ ମୁଗ ବିଲରେ ଥିବା ଏକ ଖାଲରେ ପଡି ରହିଥିବା ସ୍ଥାନୀୟ ଲୋକେ ଦେଖି ନିଶ୍ଚିନ୍ତକୋଇଲି ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ । ଖବର ପାଇ ନିଶ୍ଚିନ୍ତକୋଇଲି ଅଗ୍ନିସମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଷଣ୍ଢକୁ ଖାଲରୁ ଉଦ୍ଧାର କରିଥିଲେ । ଉକ୍ତ ଷଣ୍ଢଟି ସଂପୂର୍ଣ୍ଣ ରୁଗ୍ଣ ଅବସ୍ଥାରେ ଅଛି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ଆଗରୁ ସେହି ଷଣ୍ଢଟି ଆଖପାଖ ଅଂଚଳରେ ଦେଖାଯାଉନଥିଲା । ଷଣ୍ଢର ଏଭଳି ରୁଗ୍ଣ ଅବସ୍ଥା ଦେଖି ସ୍ଥାନୀୟ ବାସିନ୍ଦାମାନେ ଆଲୋଚନା କରୁଛନ୍ତି କି କେହି ନୃଶଂସ ମଣିଷ ଏହି ଷଣ୍ଢକୁ ଦୀର୍ଘ ଦିନ ବିନା ଖାଦ୍ୟ ପାନୀୟରେ ବାନ୍ଧି ରଖି ଥିବାରୁ ଷଣ୍ଢର ଏଭଳି ଅବସ୍ଥା ହୋଇଛି । ତାପରେ ଷଣ୍ଢଟିକୁ କୌଣସି ଗାଡିରେ ଆଣି ଏଠାରେ ଛାଡି ଦେଇଯାଇଛନ୍ତି । ଷଣ୍ଢର ଶରୀରର କୌଣସି ଜାଗାରେ କ୍ଷତ ହୋଇ ନାହିଁ କି ଷଣ୍ଢର କୌଣସି ଅଙ୍ଗ ଭାଙ୍ଗି ନାହିଁ । ଖାଦ୍ୟ ପାନୀୟ ଅଭାବରୁ ଷଣ୍ଢଟି ଏତେ ରୁଗ୍ଣ ଅବସ୍ଥାକୁ ଆସିଯାଇଛି ଯେ ଚଲାବୁଲା କରିବା ତ ଦୂରର କଥା ଶୋଇଥିବା ସ୍ଥାନରୁ ଉଠିବାକୁ ସକ୍ଷମ ହେଉନାହିଁ । ସ୍ଥାନୀୟ ବାସିନ୍ଦା ଗୋପୀନାଥ ବେହେରା, ପ୍ରତାପ ବେହେରା,

ରଂଜନ କୁମାର ବେହେରା, ଫକୀର ଚରଣ ବେହେରା ଉକ୍ତ ଷଣ୍ଢର ସେବା ଯତ୍ନ କରୁଥିବା ବେଳେ ସେମାନେ ସ୍ଥାନୀୟ ଅଂଚଳର ଆଂଚଳିକ ଗୋସେବକ ମଂଚ ପ୍ରମୁଖ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କୁ ଯୋଗାଯୋଗ କରିଥିଲେ । ଶ୍ରୀ ମହାପାତ୍ର ସେମାନଙ୍କ ସହିତ ଯୋଡି ହୋଇ ଷଣ୍ଢର ଚିକିତ୍ସା ସେବା କରୁଛନ୍ତି । ଶ୍ରୀ ମହାପାତ୍ର ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରିବା ପରେ ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ପ୍ରକାଶ କୁମାର ବେହୁରାଙ୍କ ପରାମର୍ଶରେ ପ୍ରାଣୀ ଚିକିତ୍ସାକେନ୍ଦ୍ର ନିଶ୍ଚିନ୍ତକୋଇଲିର କର୍ମଚାରୀମାନେ ସେଠାରେ ପହଞ୍ଚି ଷଣ୍ଢକୁ ଆବଶକୀୟ ସରକାରୀ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି ।

ଉମର ପଂଚାୟତରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅନିୟମିତତା

ସାନଭାଇ ଭତ୍ତା ପାଇବା ପାଇଁ ଯୋଗ୍ୟ ହେଉଥିଲା ବେଳେ ବଡଭାଇ ଅଯୋଗ୍ୟ

ମାହାଙ୍ଗା ୨୦/୩(ନି.ପ୍ର): ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ। ଯାହାଫଳରେ ୪୫ବର୍ଷର ଯୁବକ/ଯୁବତୀମାନେ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ କାଗଜପତ୍ରରେ ଯୋଗ୍ୟବିବେଚିତ ହୋଉଛନ୍ତି। ଯାହାର ଉଦାହରଣ ପାଲଟିଛି ଉମର ପଂଚାୟତରେ । ତା୧/୧/୨୦୨୫ରିଖରେ ପଂଚାୟତ ସମିତି କାର୍ଯ୍ୟାଳୟ ମାହାଙ୍ଗା ସୂଚନାତଥ୍ୟ ନଂ୪୨୫ରେ ଦର୍ଶାଯାଇଛି ଯେ ୨୦୨୩ ମସିହାରେ ଉମର ପଂଚାୟତରେ ୧୭୫ଜଣଙ୍କୁ ନୂତନ ବାର୍ଦ୍ଧକ୍ୟଭ□ା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ଅଧିକାଂଶ ହିତାଧିକାରୀଙ୍କ ବୟସ ୨୦୨୨ ଭୋଟର ତାଲିକାରେ ୪୫ରୁ୫୫ ବର୍ଷ ମଧ୍ୟରେ। ୨୦୨୪ ନିର୍ବାଚନକୁ ଆଖିଆଗରେ ରଖି ତତ୍କାଳୀନ ବିଜେଡି ସରକାର ଅମଳରେ ପଂଚାୟତର ଜନପ୍ରତିନିଧିମାନେ ଦଳୀୟଭୋଟ ହାତେଇବାକୁ ଏହିଭଳି ଅନିୟମିତତା କରିଥିବା ଅଭିଯୋଗ ହେଉଛି। ଏ ସଂପର୍କରେ ତା ୨୫/୨/୨୦୨୫ରିଖରେ ରାଜ୍ୟ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମାନ୍ୟବର ମନ୍ତ୍ରୀ ପଂଚାୟତିରାଜ ଓ ପାନୀୟଜଳ ବିଭାଗ ,ମାହାଙ୍ଗାର ମାନ୍ୟବର ବିଧାୟକ ଶାରଦା ପ୍ରଧାନ ଓ କଟକଜିଲ୍ଲାପାଳଙ୍କ ନିକଟରେ ଡାକଯୋଗେ ଅଭିଯୋଗ କରାଯାଇଛି। ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସାନଭାଇ ଭତ୍ତାପାଇବାକୁ ଯୋଗ୍ୟ ବିବେଚିତ ହେଉଥିଲା ବେଳେ ବଡଭାଇ ଭତ୍ତା ପାଇବାକୁ ଅଯୋଗ୍ୟ ହୋଇଛି। ବୟସ ହୋଇ ନଥିଲେ ମଧ୍ୟ ଭୋଟ ପରିଚୟ ପତ୍ରରେ ବୟସ ବଢା ଯାଇ ସ୍ୱାମୀ-ସ୍ତ୍ରୀଙ୍କୁ ଏକାବେଳେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି।

ବିଜୁ ଜନତା ଦଳର କର୍ମକର୍ତ୍ତା ଚୟନ ନେଇ ବୈଠକ

ପୋଲସରା ୨୦/୩(ନି.ପ୍ର): ପୋଲସରା ସି ଟି ସ୍କୁଲ ନିକଟରେ ଥିବା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପୋଲସରା ବ୍ଲକ ଓ ଏନଏସି ବିଜୁ ଜନତା ଦଳର ସଂଗଠନ ସୁଦୃଢ଼ କରିବା ପାଇଁ ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ମାର୍ଚ୍ଚ ୧୮ ତାରିଖ ଦିନ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇ ଦଳର ସଂଗଠନକୁ ସୁଦୃଢ଼ କରିବା ପାଇଁ କର୍ମକର୍ତ୍ତା ନିର୍ବାଚନ ନେଇ ଆଲୋଚନା କରିଥିଲେ। ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସରପଞ୍ଚ ବିଜୟ କୁମାର ସ୍ୱାଇଁ ନିର୍ବାଚନ ଅଧିକାରୀ ଭାବେ ରହି ନିର୍ବାଚନ ପରିଚାଳନା କରିଥିଲେ। ସର୍ବସମ୍ମତି କ୍ରମେ ପୋଲସରା ବ୍ଲକ ସଭାପତି ଭାବେ ସୁରେନ୍ଦ୍ର ପ୍ରଧାନ ଓ ସମ୍ପାଦକ ଭାବେ ଅଶୋକ କୁମାର ବିଷୋୟୀ ଏବଂ ନଗର ସଭାପତି ଭାବେ ଗୋପାଳ ସାହାଣୀ ଓ ସମ୍ପାଦକ ଭାବେ ରବି ନାରାୟଣ ପଟ୍ଟନାୟକଙ୍କ ନାମ ରାଜ୍ୟ ବିଜେଡି କାର୍ଯ୍ୟାଳୟକୁ ପଠାଯାଇଥିଲା। ଅନୁମୋଦନ ହୋଇ ଆସିବା ପରେ ଅନ୍ୟାନ୍ୟ ପଦବୀ ଚୟନ ନେଇ ଆଲୋଚନା ହେବ । ଆସନ୍ତା ଦିନରେ ବିଜେପି ସରକାର ବିରୁଦ୍ଧରେ ଲଢେଇ ପାଇଁ ରୋଡ଼ ମ୍ୟାପ ପ୍ରସ୍ତୁତି ସରିଛି ବୋଲି ପୂର୍ବତନ ବିଧାୟକ ଶ୍ରୀ ସାହୁ ପ୍ରକାଶ କରିଥିଲେ। ବୈଠକରେ ପୋଲସରା ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡା,ଏନ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶିଶିର ବେହେରା,, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ ଓ ବିକ୍ରମ କୁମାର ନାୟକ, ଘନଶ୍ୟାମ ଦାଶ, ନିବାସୀ ପରିଡ଼ା, ପୂର୍ବତନ ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଭାରସାମ୍ୟ ହରାଇ ମକା ମଞ୍ଜି ବୋଝେଇ ଟ୍ରକ ଦୁର୍ଘଟଣା

ବୁଗୁଡା ୨୦/୩(ନି.ପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡା ପୋଲିସ ଥାନା ଅଧିନସ୍ଥ ବାଲିପଦର ଫାଣ୍ଡି ଅଞ୍ଚଳରେ ଏକ ମକା ମଞ୍ଜି ବୋଝେଇ ଟ୍ରକ ପୋଚାଲୁଣ୍ଡି ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ଥ ହୋଇ ରାସ୍ତା କଡ଼କୁ ଓଲଟି ପଡିଥିବା ଜଣାପଡିଛି। ୧୯ ତାରିଖ ପୂର୍ବ ରାତ୍ରରେ ଓଡ଼ି ୦୭ ଏପି ୧୫୦୧ ଟ୍ରକରେ ମକା ମଞ୍ଜି ବୋଝେଇ ହୋଇ ବାଲିପଦର ଦିଗରୁ ଭଞ୍ଜନଗର ଦିଗକୁ ଯାଉଥିବା ବେଳେ ପୋଚାଲୁଣ୍ଡି ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଭଗବାନଙ୍କ କୃପାରୁ ଡ୍ରାଇଭର ଓ ହେଲପର ଉଭୟେ ସୁରକ୍ଷିତ ଥିବା ଜଣାପଡିଛି। ଟ୍ରକ ଓଲଟି ପଡ଼ିବା ଯୋଗୁଁ ମକା ମଞ୍ଜି ବସ୍ତା ଗୁଡିକ ଏଣେ ତେଣେ ପଡିଥିବା ଓ କେତକ ବସ୍ତା ଫାଟି ମଞ୍ଜି ଗୁଡିକ ତଳେ ପଡିଥିବା ଦେଖିବାକୁ ମିଳିଛି। ଖବର ପାଇ ବାଲିପଦର ପୋଲିସ ପାଣ୍ଡି ଓଆଇସି କେ.ନୀଳାଦ୍ରି ରେଡି ମକା ମଞ୍ଜିର ସୁରକ୍ଷା ପାଇଁ ପୋଲିସ ବ୍ୟବସ୍ଥା କରିଥିଲେ। ସକାଳୁ ମକା ମଞ୍ଜି ବସ୍ତା ଗୁଡିକୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା।

ପୁରାତନ ଛାତ୍ରଛାତ୍ରୀ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଦଶରଥପୁର ୨୦/୩(ନି.ପ୍ର): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ଅଧିନସ୍ଥ ଗଣେଶ ପ୍ରସାଦ ଉଚ୍ଚ ବିଦ୍ୟାଳୟ ,ନନ୍ଦିପୁର ର ୧୯୮୯ ମସିହା ମ୍ୟାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ବନ୍ଧୁମିଳନ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।ଦିବା ୧୦ ଘଟିକାରେ ଆରମ୍ଭ ହୋଇଥିବା ଏହି ମହୋତ୍ସବର ସଭାକୁ ଏହି ବ୍ୟାଚ୍ ର ପୁରାତନ ଛାତ୍ର ରାଜେନ୍ଦ୍ର ଦାସ,ପ୍ରଭାତ ମଲ୍ଲିକ ସଞ୍ଚାଳନ କରିଥିବା ବେଳେ ପୂର୍ବତନ ଛାତ୍ର ନିଳୟ ବାରିକ,ଅମ୍ବିକା ବାରିକ,ଅଭିରାମ ପଣ୍ଡା,ସୁରେନ୍ଦ୍ର ସାହୁ,ଅନୁପମା ମହାନ୍ତି,ଦୀପ୍ତିରାଣୀ ନାୟକ,ଗାୟତ୍ରୀ ମହାନ୍ତି,ସ୍ମିତାରେଖା ମିଶ୍ର, ଜୟଶ୍ରୀ ଦାସ,ଶକ୍ତିକାନ୍ତ ସାହୁ,ଶେଷଦେବ ସାମଲ,ହୃଷୀ ଜେନା, ଅକ୍ଷୟ, ଆନନ୍ଦ ଦାସଙ୍କ ସମେତ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ବନ୍ଧୁତା ଏକ ଏପରି ସମ୍ପର୍କ ଯାହା କେବେ ଭୁଲି ହୁଏନା କି ଭାଙ୍ଗି ହୁଏନା ବୋଲି ସମସ୍ତ ପୁରାତନ ଛାତ୍ରଛାତ୍ରୀ ନିଜ ବକ୍ତବ୍ୟରେ କହିବା ସହିତ ଜଣେ ଜଣଙ୍କୁ ଶ୍ରଦ୍ଧାରେ ଆଲିଙ୍ଗନ କରି ଭାବବିହ୍ୱଳ ହୋଇ ପଡ଼ିଥିଲେ। ଏଥିସହ ବିଦ୍ୟାଳୟ ସହିତ ଥିବା ଅନୁଭୂତିକୁ ନିଜ ନିଜ ମଧ୍ୟରେ ସେୟାର କରିଥିଲେ ଓ କାର୍ଯ୍ୟକ୍ରମରେ ଯୋଗଦେଇ ପାରିନଥିବା ବନ୍ଧୁ ମାନଙ୍କୁ ମିସ କରିଥିଲେ। ପ୍ରତିବର୍ଷ ଏହିପରି କାର୍ଯ୍ୟକ୍ରମ କରି ପୁରୁଣା ଦିନକୁ ମନେ ପକାଇବା ସହ ସମସ୍ତେ ଏକତାର ବନ୍ଧନରେ ବାନ୍ଧିହେବାକୁ କାର୍ଯ୍ୟକ୍ରମରେ ନିଷ୍ପତ୍ତି ନେଇଥିଲେ।

ଶାରୀରିକ ଶୋଷଣର ଶିକାର ହୋଇଥିବା ଯୁବତୀଙ୍କୁ ନ୍ୟାୟ ମିଳିବ କେବେ ?

କଳାହାଣ୍ଡି ୨୦/୩(ନି.ପ୍ର): କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ଡଂଗାପଟା ଗ୍ରାମର ଜୈନିକା ଯୁବତୀ ନିର୍ମଳା ଦୀପ ଗତ ପନ୍ଦର ଦିନ ତଳେ ତାଙ୍କ ଉପରେ ହୋଇଥିବା ଶାରୀରିକ ଶୋଷଣ ଓ ଅତ୍ୟାଚାର ର ଅଭିଯୋଗ କରିବା ପାଇଁ ମଦନପୁର ରାମପୁର ଥାନାର ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ପନ୍ଦର ଦିନ ବିତି ବିତି ଯାଇଥିଲେ ସୁଦ୍ଧା ମ ରାମପୁର ପୋଲିସ ର ନୀରବତା ଓ ଆସାମୀ ଉପରେ ଥାନା ବାବୁଙ୍କ ଅହେତୁକ ଅନୁକମ୍ପା ସର୍ବ ସାଧାରଣରେ ଚର୍ଚ୍ଚା ର ବିଷୟ ପାଲଟିଛି । ପ୍ରକାଶ ଥାଉକି ଡ଼ଙ୍ଗାପଟା ଗ୍ରାମର ଜଣେ ୩୦ ବର୍ଷୀୟ ମହିଳା ନିର୍ମଳା ଦୀପ ୨୦୧୭ ମସିହାରୁ ସ୍ୱାମୀ ଠାରୁ ଛାଡପତ୍ର ଆଣି ବାପ ଘରେ ରହିଆସୁଥିଲେ । ୨୦୨୧ ମସିହାରେ ଦୋଳ ପୁର୍ଣିମା ଦିନ ଦଂଗାପଟା ଗ୍ରାମର ରୋହିତ ନାଗ ଜୈନିକା ମହିଳାଙ୍କ ଏକୁଟିଆ ଥିବାର ସୁଯୋଗ ନେଇ ତା ଘରକୁ ଆସି ତାଙ୍କୁ ପ୍ରେମ ନିବେଦନ କରି ଥିଲେ। ମହିଳା ଜଣଙ୍କ ତାଙ୍କୁ ଏଥିରୁ ନିବୃତ ରହିବାକୁ କହିବାରେ ମଧ୍ୟ , ରୋହିତ ନାଗ କମଲାଳସାରେ ଅନ୍ଧ ହୋଇ ନିର୍ମଳା ଦୀପଙ୍କ ସହ ଜୋରଜବରଦସ୍ତି ପାଶବିକ ଅତ୍ୟାଚାର କରି ତାର ଶାରୀରିକ ଶୋଷଣ କରିଥିଲା ।ଏହି ଘଟଣା ଯଦି କାହା ଆଗରେ ପ୍ରଘଟ କଲେ ତତେ ଓ ତୋ ପରିବାର ର ସଦସ୍ୟଙ୍କୁ ଜୀବନରେ ମାରି ଦେବୀ ବୋଲି ଧମକ ଦେଇଥିଲା । ସେ ସମୟର କିଛି ଫୋଟୋ ମଧ୍ୟ ରୋହିତ ନାଗ ଜୋରଜବରଦସ୍ତି ଉତ୍ତୋଳନ କରିଥିଲା । ପରବର୍ତୀ ସମୟରେ ସୋସିଆଲ ମିଡ଼ିଆ ଜରିଆରେ ସେ ସବୁକୁ ଭାଇରଲ କରିବାର ଧମକ ଦେଇ ଦୀର୍ଘ ପାଞ୍ଚ ବର୍ଷ ହେଲା ଯୌନ ନିର୍ଯ୍ୟାତନା ଦେଇଆସୁଥିଲା । ଅନେକଥର ପୀଡ଼ିତା ବିବାହ ପାଇଁ କହିବାରୁ ବିଭିନ୍ନ ପ୍ରକାର ଆଳ ଦେଖେଇ ରୋହିତ ନାଗ ଠକି ଚାଲିଥିଲା ।

ଗତ ତା ୧୭/୦୩/୨୦୨୫ ରିଖ ଦିନ କୌଣସି ସୂତ୍ରରୁ ପୀଡିତା ମହିଳା ରୋହିତ ନାଗ ଅନ୍ୟତ୍ର ବିବାହ କରୁଛି ବୋଲି ଜାଣିବାକୁ ପଇଲା । ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ପୀଡ଼ିତା ରୋହିତ ନାଗ ଘରକୁ ଯାଇଥିଲା । କିନ୍ତୁ ଏହିସମୟରେ ରୋହିତ ନାଗର ପରିବାର ର ସମସ୍ତ ସଦସ୍ୟ ପିଡୀତା ଙ୍କୁ ଘର ଭିତରେ ବନ୍ଦ କରି ଜୀବନରୁ ଶେଷ କରିଦେବା ଉଦେଶ୍ୟ ରଖି ମାରାଣତ୍ମକ ଆକ୍ରମଣ କରିଥିଲେ । ପିଡୀତା ଜୀବନ ବଂଚେଇବାକୁ ଯାଇ ଏକ ପାଇଖାନା ଭିତରେ ନିଜକୁ ବନ୍ଦ କରି ଜୋର ଜୋର ରେ ଚିତ୍କାର କରିଥିଲେ । ସ୍ଥାନୀୟ ଲୋକେ ତାଙ୍କ ଚିତ୍କାର ଶୁଣି ପୋଲିସ କୁ ଖବର ଦେଇଥଲେ , ତାପରେ ପୋଲିସ ଘଟଣା ସ୍ଥଳରୁ ପିଡୀତାଙ୍କୁ ଉଦ୍ଧାର କରିଥିଲେ । ପୋଲିସ କୁ ପିଡୀତା ପୁଣି ଥରେ ଲିଖିତ ଅଭିଯୋଗ ଦେଇଥିଲେ। ଏକ ସ୍ପର୍ଶକାତର ଘଟଣା ହୋଇଥଲେ ସୁଦ୍ଧା ମଦନପୁର ରାମପୁର ଥାନା ଅଧିକାରୀ ଦୁଇ ଦିନ ପରେ ଆସିବୁ ଯା ବୋଲି ପୀଡ଼ିତାଙ୍କୁ କହିଥିଲେ । ମଦନପୁର ରାମପୁର ଥାନାରେ କାର୍ଯ୍ୟରତ ଅଧିକାରୀ ମାନଙ୍କ ବେପରୁଆ ମନୋଭାବ ଯୋଗୁ ଆଜି ଜଣେ ପୀଡିତା ମହିଳା ନ୍ୟାୟ ପାଇବା ପାଇଁ ବଞ୍ଚିତ ହଉଚି । ଏହିପ୍ରତି ଯଦି ସରକାରଙ୍କ ଉଦାହରଣ ମୂଳକ ପଦକ୍ଷେପ ନିଆଯାଏ ତାହେଲେ ପିଡୀତା ଓ ତା ପରିବାର ଉଚିତ ନ୍ୟାୟ ପାଇପାରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଅଛି ।

ନୂଆପଡା ଜିଲ୍ଲାପାଳଙ୍କ ଦ୍ୱାରା କାର୍ଯ୍ୟାଳୟ ସମ୍ମୁଖରେ ଆଦର୍ଶ ଜଳ ସେବା କେନ୍ଦ୍ର ଉଦ୍ଘାଟିତ

ନୂଆପଡା ୨୦/୩(ନି.ପ୍ର): ଗ୍ରୀଷ୍ମ ଋତୁର ସଅଳ ଆଗମନ ଏବଂ ପାନୀୟ ଜଳର ବର୍ଦ୍ଧିତ ଆବଶ୍ୟକତାକୁ ଲକ୍ଷ୍ୟକରି ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉ

ନୂଆପଡ଼ାରେ ଜିଲ୍ଲା ଉନ୍ନୟନ ସମିତି ଓ ଗ୍ରାମୋଦୟ ବୈଠକ ଅନୁଷ୍ଠିତ

ନୂଆପଡ଼ା **୨୦/୩(ନି.ପ୍ର):** ଆଜି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଭାବନା ସଭା ଗୃହରେ ଜିଲ୍ଲା ଉନ୍ନୟନ ସମିତି ବୈଠକ ସହିତ ଗ୍ରାମୋଦୟ ସଭା ଅନୁଷ୍ଠିତ ହୋଇ ଯାଇଅଛି । ଜିଲ୍ଲାର ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରତି ମାସ ଏହି ବୈଠକ ଅନୁଷ୍ଠିତ ହେଉଛି । ସଭାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ବନଖଣ୍ଡ ଅଧିକାରୀ ଅଜିଜ ଖାନ,ବନଖଣ୍ଡ ଅଧିକାରୀ ବନ୍ୟ ପ୍ରାଣୀ, ମହାଦେବ ବଡ଼ାଇକ, ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାଏକ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧରଣୀଧର ସେନାପତି, ଏ ପିଡି ଯୋଗେଶ୍ୱର ଭୋଇ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସମସ୍ତ ଅଧିକ୍ଷଣ ଯନ୍ତ୍ରୀ,ନିର୍ବାହୀ ଯନ୍ତ୍ରୀ ଏବଂ ଲାଇନ୍ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାର ଦ୍ରୁତ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସେ କହିଲେ ଏବେ ନୂଆପଡ଼ା ଜିଲ୍ଲା ମନରେଗା ସହିତ ଅନେକ କ୍ଷେତ୍ରରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ସମସ୍ତ ଅଧିକାରୀଙ୍କ ଐକାନ୍ତିକ ଏବଂ ସମ୍ମିଳିତ ଉଦ୍ୟମ ଜାରି ରହିଲେ ଆମେ ସମସ୍ତ ଆହୁରି ଅନେକ ବିଭାଗରେ ପ୍ରଥମ ସ୍ଥାନ ହାସଲ କରି ପାରିବା । ଜିଲ୍ଲା ଧାନ , କପା ଏବଂ ମାଣ୍ଡିଆ କିଣାରେ ଭଲ ସଫଳତା ହାସଲ କରିଛି । ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ବାରମ୍ବାର ଗ୍ରାମାଞ୍ଚଳ ଗସ୍ତ କରି ଜନସାଧାରଣଙ୍କ ସୁବିଧା ଅସୁବିଧା ସମ୍ବନ୍ଧରେ ବୁଝି ଜିଲ୍ଲାପାଳଙ୍କୁ ଅବଗତ କରାଇବେ । ପ୍ରଶାସନକୁ ସବୁବେଳେ ଚଳଚଞ୍ଚଳ ଏବଂ ଗତିଶୀଳ କରିବାକୁ ପଡ଼ିବ । ଏହି ଉପାନ୍ତ ଜିଲ୍ଲା ତଫସିଲ ଭୁକ୍ତ ଜାତି ଏବଂ ଜନଜାତି ବହୁଳ ହେଇଥିବାରୁ ସେମାନଙ୍କ ଅସୁବିଧା ପ୍ରତି ପ୍ରାଥମିକତା ଦିଆଯାଉଛି । ଉପ ନିର୍ଦ୍ଦେଶକ ପ୍ଲାନିଂ , ପରିମଳ ସାମଲ ବିଗତ ବୈଠକର ବିବରଣୀ ପାଠ କରିଥିଲେ । ଏହା ଉପରେ ବିଶଦ ଆଲୋଚନା ପର୍ଯ୍ୟାଲୋଚନା ହୋଇଥଲା । ବିଗତ ମାସରେ ଉନ୍ନୟନ କାମରେ ଯେଉଁ ସବୁ ବାଧା ରହିଥିଲା ସେ ସବୁର କେତେ ସମାଧାନ ହେଇଛି ଏବଂ ପ୍ରତି ବିଭାଗର କିପରି ଅଗ୍ରଗତି ହୋଇଛି ଜିଲ୍ଲାପାଳ ଜାଣିବାକୁ ଚାହିଁଥିଲେ । ଆସନ୍ତା ମାସ ପାଇଁ ବିଭିନ୍ନ ବିଭାଗର ଲକ୍ଷ୍ୟ ପୂରଣ ସହିତ ଆଗାମୀ ପାଞ୍ଚ ବର୍ଷ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆନ୍ତ ବିଭାଗୀୟ ବିସଂଗତି ଉପରେ ଆଲୋଚନା କରି ସେ ସବୁର ସମାଧାନର

ରାସ୍ତା ବାହାର କରାଗଲା । ବିଭିନ୍ନ ଉନ୍ନୟନ ଏବଂ କାର୍ଯ୍ୟନିର୍ବାହି ସଂସ୍ଥା ସେମାନଙ୍କ ସମସ୍ତ ଉନ୍ନତି ମୂଳକ କାମ ଠିକ୍ ସମୟରେ ସାରି ଉପଯୋଗ ପ୍ରମାଣପତ୍ର ଦେବା ପାଇଁ ଜିଲ୍ଲାପାଳ ତାଗିଦ୍ କରିଥିଲେ । ବୈଠକରେ ଜଳସେଚନ ,ପଞ୍ଚାୟତି ରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ , ରାସ୍ତା ଓ ଗୃହନିର୍ମାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ,ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ , ପ୍ରାଣୀ ସମ୍ପଦ, ପରିବହନ ,ଶିକ୍ଷା,ସ୍ୱାସ୍ଥ୍ୟ, କ୍ରୀଡ଼ା ,ଜଙ୍ଗଲ , ଖଣି , ଟୁରିଜମ ଇତ୍ୟାଦି ସମସ୍ତ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା । ବିଭିନ୍ନ ଜଳସେଚନ ପ୍ରକଳ୍ପରୁ ସୁଷମ ଜଳ ବଣ୍ଟନ, ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକର ବିଦ୍ୟୁତ୍ କରଣ, ଗ୍ରୀଷ୍ମ ଋତୁରେ ପାନୀୟ ଜଳ ଯୋଗାଣ, ବିଭିନ୍ନ ବିଜ୍ଞାପିତ ଅଂଚଳର ସମସ୍ୟା, ବିଭିନ୍ନ ଶିକ୍ଷାନୁଷ୍ଠାନ , ଚିକିତ୍ସାଳୟ , ପ୍ରାଣୀ ଚିକିତ୍ସାଳୟ ମାନଙ୍କୁ ଜମି ପଟ୍ଟା ଯୋଗାଇ ଦେବା ସହିତ ସେମାନଙ୍କର ନୂତନ କୋଠା ନିର୍ମାଣ ଇତ୍ୟାଦି ବିଷୟ ଉପରେ ବିଶଦ ଆଲୋଚନା ହୋଇଥଲା । ଜିଲ୍ଲାରେ ମାଓବାଦୀ ଦମନ ପାଇଁ ରାସ୍ତା ଘାଟର ଉନ୍ନତି ସହିତ ଆଦିବାସୀ ଅଧୁଷିତ ଅଂଚଳରେ ଜନସାଧାରଣଙ୍କୁ ସମସ୍ତ ସୁବିଧା ସୁଯୋଗ ତୁରନ୍ତ ଯୋଗାଇ ଦେବା ଉପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁରୁତ୍ୱ ଦେଇଥିଲେ । ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ମାନେ ଉତ୍ସର୍ଗୀକୃତ ମନୋଭାବ ନେଇ ନିଜ ନିଜ ବିଭାଗର କାମ କରିବାକୁ ଜିଲ୍ଲାପାଳ ଆହ୍ୱାନ କରିଥିଲେ । ଗଣ ମାଧ୍ୟମ ତଥା ସୋସିଆଲ ମିଡିଆରେ ପ୍ରକାଶିତ ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ସୂଚନା ଯୋଗ୍ୟ ଯେ ଶ୍ରୀଯୁକ୍ତ ଦାଶ ଜିଲ୍ଲାପାଳ ହିସାବରେ ଯୋଗଦାନ କରିବା ପରେ ଏହି ମାସିକ ଉନ୍ନୟନ ସମିତି ବୈଠକ ପ୍ରତି ମାସ ଅନୁଷ୍ଠିତ ହେଉଛି । ଏହା ଦ୍ୱାରା ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ପୂର୍ବକ କାମ ହେଇ ପାରୁଛି । ଜିଲ୍ଲାର ପ୍ରଗତି ପଥରେ ଆସୁଥିବା ବାଧା ବନ୍ଧକର ତ୍ୱରିତ ସମାଧାନ ହୋଇ ପାରୁଛି । କୌଣସି କାମ ମାସ ମାସ ଧରି ପଡି ରହୁନାହିଁ କ୍ଷ ନିଜେ ଜିଲ୍ଲାପାଳ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ତତ୍ପର କରିବା ସହିତ ରାଜ୍ୟ ରାଜଧାନୀରେ ଅଟକି ରହିଥିବା କାମସବୁର ତୁରନ୍ତ ଅଗ୍ରଗତି କରାଉଛନ୍ତି ।ଏହାର ସୁଫଳ ମଧ୍ୟ ମିଳିବା ଆରମ୍ଭ ହୋଇଯାଇଛି କ୍ଷନୂଆପଡା ଜିଲ୍ଲାରୁ ପତ୍ରବନ୍ଧୁ ବାଗ ।

ପ୍ଲାଷ୍ଟିକ ଯୁଗରେ ମାଟି ତିଆରି ସାମଗ୍ରୀ ର ଅଭାବୀ ବିକ୍ରି

କଳାହାଣ୍ଡି **୨୦/୩(ନି.ପ୍ର):** କଳାହାଣ୍ଡି ଜିଲ୍ଲା ରେ ରହୁଥିବା କୁମ୍ଭକାର ପରିବାର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି, ବର୍ତ୍ତମାନ ପ୍ଲାଷ୍ଟିକ ଯୁଗର ବିଭିନ୍ନ ପ୍ରକାରର ଘର କରଣା ତିଆରି ସାମଗ୍ରୀ ବହୁଳ ପରିମାଣରେ ବ୍ୟବହାର କରୁଥିବା ଯୋଗୁଁ ମାଟି ତିଆରି ଘରକରଣା ସାମଗ୍ରୀ ର ଚାହିଦା କମି କମି ଯାଉଛି, ଯାହା ଫଳରେ କୁମ୍ଭକାର ପରିବାରଙ୍କ କୌଳିକ ବୃତ୍ତି ଲୋପ ପାଇବାରେ ଲାଗୁଛି, ତତ୍ ଦ୍ୱାରା ପରିବାର ପ୍ରତିପୋଷଣ କରିବାରେ ବହୁତ୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତଥା ଯୁବ ପିଢ଼ି ମଧ୍ୟ କୌଳିକ ବୃତ୍ତିକୁ କରିବା ପାଇଁ ଆଗ୍ରହ ପ୍ରକାଶ କରୁ ନାହାଁନ୍ତି । ଭବାନୀପାଟଣା ବ୍ଲକ କାମଠଣା ଗ୍ରାମ ପଞ୍ଚାୟତ ଅଧିନସ୍ଥ କର୍ଲାସୋଡା କୈବଲ୍ୟ କୁମ୍ଭକାର ଷ୍ଟୁଡିଓ ପରିଚାଳକ କୈବଲ୍ୟ ରଣାଙ୍କ କହିବା ଅନୁସାରେ ସରକାର ଯଦି ମାଟି ତିଆରି ସାମଗ୍ରୀକୁ ବିକ୍ରୟ କରିବା ଓ ଆର୍ଥିକ ସହାୟତାର ବ୍ୟବସ୍ଥା କଲେ କୁମ୍ଭକାର ପରିବାର ଉପକୃତ ହେଇପାରିବେ ବୋଲି ମତବ୍ୟକ୍ତ କରିଛନ୍ତି ।

୪୨ ମୌଜା ବନ୍ତୁଣିଆ ଗ୍ରାମ ଦୋଳ ମହୋତ୍ସବ ଉଦ୍ଯାପିତ

କଟକ **୨୦/୩(ନି.ପ୍ର):** କଟକ ସଦର ୪୨ମୌଜା ଚତୁର୍ଦ୍ଦଶ ସଙ୍କୀର୍ତ୍ତନ ମଣ୍ଡଳୀ ଅନ୍ତର୍ଗତ ଚଳନ୍ତିମତେ ବନ୍ତୁଣିଆ ଗ୍ରାମ ଦୋଳ ମହୋତ୍ସବ ମହାସମାରୋହରେ ଶାନ୍ତି ଶୃଙ୍ଖଳାର ସହ ପାଳିତ ହୋଇଯାଇଛି । ସମ୍ମାନୀୟ ଅତିଥି ଭାବେ ଚତୁର୍ଦ୍ଦଶ ମଣ୍ଡଳର ସର୍ବାଧିକାରୀ ସୁବାସ ଚନ୍ଦ୍ର ଦେବତା, ସର୍ବ ମହନ୍ତ ସୁରେନ୍ଦ୍ର ନାଥ ପଣ୍ଡା, ସମ୍ପାଦକ ନନ୍ଦ କିଶୋର ଜେନା, ଚତୁର୍ଦ୍ଦଶ ମଣ୍ଡଳ ଅନ୍ତର୍ଭୁକ୍ତ ସମସ୍ତ ଅଧିକାରୀ ମହନ୍ତ ଓ କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସମସ୍ତ ସମ୍ମାନୀୟ ଅତିଥି ମାନଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଗ୍ରାମବାସୀଙ୍କ ପକ୍ଷରୁ ଦର୍ଶକ ମାନଙ୍କ ପାଇଁ ସୁନାମଧନ୍ୟ ଯାତ୍ରା ଅନୁଷ୍ଠାନ ଦୁଇ ରାତ୍ର ଦେୟମୁକ୍ତ ଯାତ୍ରା ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଗ୍ରାମ ଅଧିକାରୀ ରବୀନ୍ଦ୍ର ନାଥ ସେନାପତି,ମହନ୍ତ ହୃଦାନନ୍ଦ ବିଶ୍ୱାଳ, ସଭାପତି କିଶୋର ଚନ୍ଦ୍ର ସେନାପତି, ସମ୍ପାଦକ ଅମିତାଭ ବିଶ୍ୱାଳ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସେଠୀଙ୍କ ସମେତ ଗ୍ରାମ କମିଟିର ସମସ୍ତ ପଦାଧିକାରୀ କର୍ମକର୍ତ୍ତା,କାର୍ଯ୍ୟକାରୀ ସଦସ୍ୟଙ୍କ ସହ ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିବା ବେଳେ ୪୨ ମୌଜା ଥାନା ଆଇଆଇସି ଗିରିଶ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା ।

ମହିଳା ମହାସଂଘ ପ୍ରତିନିଧିଙ୍କ ଏକ ଦିବସୀୟ ତାଲିମ୍ ଶିବିର

ପାଟଣା **୨୦/୩(ନି.ପ୍ର):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭା କକ୍ଷ ରେ ଜଳସେଚନ ମାଧ୍ୟମ ରେ ଫସଲର ଘନତ୍ୱ ବୃଦ୍ଧି ବାବଦରେ ସରପଞ୍ଚ ଓ ଗ୍ରାମ ପଞ୍ଚାୟତ ସ୍ତରୀୟ ମହିଳା ମହାସଂଘ ପ୍ରତିନିଧିଙ୍କ ଏକ ଦିବସୀୟ ତାଲିମ୍ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ନିମନ୍ତ୍ରିତ ଅତିଥି ଭାବେ ପାଟଣା ବ୍ଲକ ର ମଙ୍ଗଳ ସଂପ୍ରସାରଣ ଅଧିକାରୀ ସିପ୍ରାରାଣୀ ମହାନ୍ତ , ଓଡିଶା ଜୀବିକା ମିଶନ ର ବ୍ଲକ ସଂଯୋଜିକା ସୁସ୍ମିତା ସାହୁ , ସ୍ୱଚ୍ଛ ଭାରତ ମିଶନ ର ସଂଯୋଜକ ଜମାଲୁଦିନ ଖାନ ସଭା ରେ ଯୋଗ ଦେଇଥିଲେ । ପ୍ରଦାନ ସଂସ୍ଥା ର ଅଧିକାରୀ ସ୍ମୃତିରେଖା କର ଏଚ୍.ଡି.ଏଫ୍.ସି ବ୍ୟାଙ୍କ ର ପାଣି ପରିଯୋଜନା ର ଲକ୍ଷ୍ୟ, ଉଦ୍ଦେଶ୍ୟ,ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ରମ ର ଅଗ୍ରଗତି ସମ୍ପର୍କ ରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି ଯୋଜନା ଟି ପାଟଣା ବ୍ଲକ ର ତୁରୁମୁଙ୍ଗା, ବୁଢୀକାପୁଡି, ଚେମେଣା, କଣ୍ଟିଆପଡା, କେନ୍ଦେଇପଶି, ଚାକୁଣ୍ଡାପାଳ, ଏରେଣ୍ଡେଇ, ଡୁମୁରିଆ ଆଦି ଗ୍ରାମ ପଞ୍ଚାୟତ ର ୧୮ ଟି ଗ୍ରାମ ରେ କାର୍ଯ୍ୟରତ ହୋଇଛି ।ଏହି ଯୋଜନା ରେ ସରକାରଙ୍କ ସମସ୍ତ ବିଭାଗ ଯୋଜନାର ସମ୍ମିଳିତ ପ୍ରଚେଷ୍ଟା ରେ ଜଳ ଉତ୍ସ ନିର୍ମାଣ କରା ଯାଇ ଚାଷୀ ମାନଙ୍କ ଆୟ କୁ ବୃଦ୍ଧି ନିମନ୍ତେ ଚାଷ ର ଘନତ୍ୱ ଶତକତା ୨୦୦ ଭାଗକୁ ବଢାଇବା ପାଇଁ ଲକ୍ଷ ରଖାଯାଇଛି । ପ୍ରଦାନ ସଂସ୍ଥା ର ଅଧିକାରୀ କାର୍ତ୍ତିକ କୁମାର ଦାସ ପୋଖରୀ ମାଧ୍ୟମ ରେ ନିଜ ଘରୋଇ ଆୟ ରେ ଲକ୍ଷାଧିକ ଟଙ୍କା ରୋଜଗାର କ୍ଷମତା ଅଛି ତାହା ସମସ୍ତଙ୍କୁ ବୁଝାଇଥିଲେ ଏବଂ ପାଟଣା ଭଳି ଆଦିବାସୀ ଅଧୁଷିତ ଅଞ୍ଚଳ ରେ ଏଭଳି ଯୋଜନା କୁ କିପରି ସଫଳ ରୂପାୟନ ହୋଇପାରିବ ସେ ଦିଗରେ ଆଲୋକପାତ କରିଥିଲେ ।

ଐତିହାସିକ ଦିପୋଟି ମେଳଣି ରେ ଲକ୍ଷାଧିକ ଭକ୍ତ ଦର୍ଶନ କଲେ ହରିହର ଭେଟ

ନିଆଳୀ **୨୦/୩(ନି.ପ୍ର):** ନିଆଳୀ ଦ୍ୱୀପାଞ୍ଚଳ ର କେନ୍ଦ୍ର ବିନ୍ଦୁ କସର୍ଦା ରେ ବ୍ରିଟିଶ ଅମଳର ପ୍ରସିଦ୍ଧ ଐତିହାସିକ ଦିପୋଟି ମେଳଣ ଶୃଙ୍ଖଳାର ସହ ଶେଷ ହୋଇଛି । ଗତ ସୋମବାର ରାତି ୯. ୪୫ ଟାରୁ ଆରମ୍ଭ ହୋଇଥିବା ଏହି ମେଳଣ ସକାଳ ୬. ୩୦ ରେ ଶେଷ ହୋଇଥିଲା.ପ୍ରଥମେ କସର୍ଦାର ଥାନାପତି ଶ୍ରୀ ଲକ୍ଷ୍ମୀନାରାୟଣ ରାଧା କାନ୍ତ ମନ୍ଦିର ପରିସରରୁ ରୋଷଣୀ କରି ବାଜା ବାଣ ଫୁଟାଇ ଆସ୍ଥାନ ବେଦି ରେ ଅଳଙ୍କୃତ ହୋଇଥଲେ । ଏହାପରେ ୬୩ ଗୋଟି ଦୋଳ ବିମାନ କ୍ରମାନ୍ୱୟରେ ଆସିଥିବା ବେଳେ ଶେଷରେ ତରବଣର କଦଳୀ ଖିଆ ଠାକୁର ଶ୍ରୀ ଗୋପାଳଜିଉ ଆସନ ଗ୍ରହଣ କରିଥିଲେ ।ମେଳଣ ପଡିଆରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା.ଶୃଙ୍ଖଳାରକ୍ଷା ପାଇଁ ନିଆଳୀ ପୁଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ସଦର ଏସ୍‌ଡିପିଓ କିରଣ ହେମ୍ବ୍ରମ୍, ନିଆଳୀ ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ, ଏସ ଆଇ ପ୍ରଶାନ୍ତ କୁମାର ବେହେରା, କମର୍ଦା ବିଟ୍ ହାଉସ୍ ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀଙ୍କ ନେତୃତ୍ୱରେ ୩ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୃତୟନହୋଇଥିଲେ । ଅପରାହ୍ନ ୫ଟା ବେଳେ ଥାନପତି ଲକ୍ଷ୍ମୀନାରାୟଣ ନିଜ ଆସନରୁ ଉଠି ଠିଆ ହେବାପରେ ତରବଣର ଶ୍ରୀ ଗୋପାଳଜିଉ ନିଜ ବେଦି ଛାଡି ହରିହର ଭେଟ ହୋଇ ଥିଲା ଏହି ପରିବେଶ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ଶ୍ରୀ ଜୀଉ ମନ୍ଦିରକୁ ଫେରିଯାଇଥିଲେ । ଦୋଳ କମିଟି ସଭାପତି ଶଶିଶେଖର ମହାପାତ୍ର ଓ ସଦସ୍ୟମାନଙ୍କ ସହଯୋଗରେ ଦୋଳ ବିମାନଗୁଡିକରେ ପୂଜା ବିଧି ଅନୁଷ୍ଠିତ ହୋଇଥିଲା । ସେହିପରି ରାଧାକୃଷ୍ଣ କମିଟି ପକ୍ଷରୁ ୩୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା । ଚଳିତବର୍ଷ ପିଣ୍ଡି ଗୁଡିକ ସୁନ୍ଦର ଚିତ୍ର ସହିତ ସାଜ୍ଜ ସଜ୍ଜା ଦେଖିବାକୁ ମିଳିଥିଲା । ବିଭିନ୍ନ ସଂଗଠନ ତରଫରୁ ଜଳଛତ୍ର ବ୍ୟବସ୍ଥା

ହୋଇଥିଲା,ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ, ଏଡ଼ ଇଣ୍ଡିଆ, ବେଦା ବିଳାଶୁଣୀ,ପ୍ରେସ ୟୁନିଟ ନିଆଳୀ ନିର୍ବାଚନ ମଣ୍ଡଳୀ,ଗୋପାଳ ଜୀଉ ମଠ ଗୁହାଳକୂଳ,ବିଜୁ ଜନତା ଦଳ,ଛାତ୍ର ଯୁବ ବିକାଶ ପରିଷଦ,ଭାରତୀୟ ଜନତା ପାର୍ଟି, ପଞ୍ଚାବ ଆଣ୍ଡ ସିନ୍ଧ ବ୍ୟାଙ୍କ, କସର୍ଦା କଲେଜ, ଏରଞ୍ଚ କଲେଜ, ଉଦୟନାଥ ସ୍ୱୟଂ ଶାସିତ ବିଜ୍ଞାନ ଓ ବୈଶାୟକ ମହାବିଦ୍ୟାଳୟ, ବିବେକ ଏକାଡେମୀ, ଆଦିତ୍ୟ ବାହିନୀ,ଏରଞ୍ଚ ଗ୍ରାମ ପଞ୍ଚାୟତ କସର୍ଦା ଗ୍ରାମ ପଞ୍ଚାୟତ ସମେତ ବହୁ ସଂଗଠନ ଜଳଛତ୍ର କରିଥିଲେ.ନିଆଳୀ ବିଧାୟକ ଛବି ମଲ୍ଲିକ,ପୂର୍ବତନ ନିଆଳୀ ବିଧାୟକ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ,ବିଜେପି ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା,ଚେୟାରମ୍ୟାନ ଉମେଶ ଚନ୍ଦ୍ର ବେହେରା,ସରପଞ୍ଚ ସଂଘ ସଭାପତି ତ୍ରିନାଥ ମହାନ୍ତି,ସରପଞ୍ଚ ସୁରେଶ ପଟନାୟକ, ନ୍ୟାୟବ୍ରତ ରାଉତ,ସମାଜସେବୀ ତୃପ୍ତି ରଂଜନ ବେହେରା ,ଅଭିମନ୍ୟୁ ମଲ୍ଲିକ କୈବର୍ତ୍ତ ମହାସଂଘ ସମ୍ପାଦକ ରମେଶ ଚନ୍ଦ୍ର ମାଝୀ, ପ୍ରଶାନ୍ତ ସ୍ୱାଇଁ, ମିତୁ ବଡ୍ଡ,କଂଗ୍ରେସ ନେତା ସୌଭାଗ୍ୟ ବଣ୍ଟିଆ,ପ୍ରେମାନନ୍ଦ ମହାପାତ୍ର, ମଙ୍ଗଳ ପ୍ରସାଦ ମହାପାତ୍ର,ସୁରେଶ ପଟ୍ଟନାୟକ,ପ୍ରସନ୍ନ ପାତ୍ର,ଜ୍ୟୋତି ରଞ୍ଜନ ମହାନ୍ତି, ବୃଷକେତୁ ସାମଲ,ଆଲୋକ ଲେଙ୍କା ସୂର୍ଯ୍ୟକାନ୍ତ ମଲ୍ଲିକ,ଗଗନ ସାହୁ,ସମାଜସେବୀ ସନ୍ତୋଷ କୁମାର ମାଝୀ, ସାମ୍ବାଦିକ ଦ୍ୱିଜବର ମହାପାତ୍ର, ଲଲାଟେନ୍ଦୁ ସାହୁ ଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତି,ବୁଦ୍ଧିଜୀବି ,ସମାଜସ୍ୱୀ ଉପସ୍ଥିତ ରହି ଭକ୍ତିମୟ ପରିବେଶରେ ନିଜକୁ ସାମିଲ କରିଥିଲେ.ଏହି ମେଳଣ ପର୍ବେ ୧୫ ବ୍ୟାପି ଦୋକାନ ବଜାର ଲାଗି ରହିବ ବୋଲି ସୂଚନା ଦେଇଛନ୍ତି ।

'ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ' ପାଇଁ ନିମନ୍ତ୍ରଣ ଦେଲେ କୋରାପୁଟ ଜିଲ୍ଲାପାଳ

କୋରାପୁଟ/କୋଟପାଡ଼ **୨୦/୩(ନି.ପ୍ର):** ରାଜ୍ୟ ସରକାର,ରାଜ୍ୟର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ।ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ 'ଶିଶୁ ବାଟିକା' ଆରମ୍ଭ କରାଯାଉଛି ।ଏଥିରେ ପାଞ୍ଚ ବର୍ଷରୁ ଅଧିକ ବୟସର ପିଲାମାନଙ୍କୁ ଏକ ଉତ୍ତମ,ସଂଗଠିତ ଏବଂ ଅନୁଭୂତି ମୂଳକ ଶିକ୍ଷଣ ପରିବେଶ ପ୍ରଦାନ କରାଯିବାର୍ଥ୍ୟବସ୍ଥା କରାଯାଇଛି । ଏହି କ୍ରମରେ କୋରାପୁଟ ଜ଼ିଲ୍ଲାର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଆସନ୍ତା ଏପ୍ରିଲ ୨ ତାରିଖରେ 'ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ' କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଛି ।ବିଦ୍ୟାଳୟରେ ପିଲାଙ୍କ ନାମଲେଖାକୁ ସ୍ମରଣୀୟ କରିବା ପାଇଁ ଏହି ଅବସରରେ ଅନେକ ଆକର୍ଷଣୀୟ ଏବଂ ଶିକ୍ଷଣୀୟ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଛି । ଏହି ଅବସରରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଦସ୍ତଖତ ଥିବା ଏକ ନିମନ୍ତ୍ରଣ ପତ୍ର ବଣ୍ଟନ କରିବା ପାଇଁ କୋରାପୁଟ ଜ଼ିଲ୍ଲାପାଳ ଭି କୀର୍ତ୍ତି ବାସନ କୋଟପାଡ଼ ପହଁଞ୍ଚି ଯୋଗ୍ୟ ପିଲାଙ୍କ ସହ ତାଙ୍କ ଅଭିଭାବକ ଙ୍କୁ ତାଙ୍

ଧାମନଗର:୧୫ ମଣ୍ଡିରେ ଧାର୍ଯ୍ୟ ଲକ୍ଷ୍ୟର ୯୧ ଶତକଡ଼ା ଧାନବିକ୍ରୀ

ଧାମନଗର ୨୦/୩(ନି.ପ୍ର)::ଧାମନଗର ବ୍ଲକର ୧୨ ଟି ସେବା ସମବାୟ ସମିତି ଓ ୩ ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ମିଲରଙ୍କ ମାଧ୍ୟମରେ ଯୋଗାଣ ବିଭାଗ ଧାନ କ୍ରୟ କରୁଛି । ତେବେ ସରକାରୀ ନିୟମ ଓ ବିଭାଗୀୟ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅଧିକାରୀ ମାନେ କାର୍ଯ୍ୟକାରୀ ନକଲେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏଭଳି କିଛି ଚରମ ବାଣି ଶୁଣାଇବା ସହ ଜିଲ୍ଲାପାଳଙ୍କ ବିଭିନ୍ନ ମଣ୍ଡି ପରିଦର୍ଶନ ପରେ ମିଲର,ସେବା ସମବାୟ ସମିତି ଏବଂ ଚାଷୀଙ୍କ ମଧ୍ୟରେ ବୁଝାମଣା ହୋଇ ବିଭିନ୍ନ ମଣ୍ଡିରେ ହୋଇଥିଲା ଧାନ କିଣା । ତେବେ ୧୦ ତାରିଖ ସୁଦ୍ଧା ଧାମନଗର ବ୍ଲକର ମୋଟ ୨୨୨୯୮୮ କୁଇଣ୍ଟାଲ ଧାନ କ୍ରୟ ପାଇଁ ଯୋଗାଣ ବିଭାଗ ଧାର୍ଯ୍ୟ ରଖିଥିବା ବେଳେ ମୋଟ ୬୨୮୪ ଜଣ ଚାଷୀଙ୍କ ମଧ୍ୟରୁ ୫୪୬୧ ଜଣ ଚାଷୀ ୨୦୧୩୦୧ କୁଇଣ୍ଟାଲ ବିକ୍ରି କରିଥିବା ବେଳେ ୪୧୬୪ ଜଣ ଆକାଉଣ୍ଟ ମାଧ୍ୟମରେ ଅର୍ଥ ପାଇଛନ୍ତି । ତେବେ ଚଳିତ ବିପଣନ ବର୍ଷରେ ଧାମନଗର ଅଞ୍ଚଳରେ ଏଯାଏଁ ଯୋଗାଣ ବିଭାଗ ଧାର୍ଯ୍ୟ ଲକ୍ଷ୍ୟର ୮୭ ଶତକଡ଼ା ଚାଷୀ ୯୧ ଶତକଡ଼ା ଧାନ ବିକିଥିବା ଜଣାଯାଇଛି ।ରାଜ୍ୟ ସରକାରଙ୍କ ଧାନର ଏମଏସପି ଦର ବୃଦ୍ଧି ସହ ବୋନସ ପ୍ରଦାନ ହେତୁ ଚାଷୀଙ୍କ ମହଲରେ ଖୁସି ପରିଲକ୍ଷିତ ହୋଇଛି ।

ଜିଲ୍ଲା ପ୍ରଶାସନ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ

ବାସୁଦେବପୁର ୨୦/୩(ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ନୀଳମଣି ଟାଉନ୍ ହଲ ପରିସରରେ ସଡ଼କ ସୁରକ୍ଷା ସଚେତନତା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସ୍ଥାନୀୟ ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ, ଉପ ଜିଲ୍ଲାପାଳ , ଆଞ୍ଚଳିକ ପରିବହନ ଡେପୁଟି କମିଶନର ପ୍ରମୁଖ ମଞ୍ଚାସୀନ ଅତିଥିମାନେ ଉପସ୍ଥିତ ରହିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଧାମରା ଆଦାନୀ ବନ୍ଦର ବରିଷ୍ଠ ଅଧିକାରୀ, ବାସୁଦେବପୁର ପୌରପାଳିକା ର ପୌର ଅଧିକାରୀ, ବାସୁଦେବପୁର ତିନୋଟି ଥାନାର ଥାନା ଆଇଆଇସି ସମେତ ଅନ୍ୟ ମାନ୍ୟ ଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ରହିବା ସହିତ ଉଠା ଦୋକାନୀମାନଙ୍କ ସଠିକ ଥଇଥାନ ବ୍ୟବସ୍ଥା, ଦୁଇ ଚକିଆ , ତିନି ଚକିଆ, ଭାରି ଯାନ ରାସ୍ତା କଡ଼ରେ ଅଧିକ ସମୟ ପାର୍କିଂ କରିବା , ସଡ଼କ ରେ ଯାତାୟାତ ସମୟରେ ହେଲମେଟ ବାଧ୍ୟତାମୂଳକ, ଦୃତଗାମୀ ଯାନ ନିୟନ୍ତ୍ରଣ ପାଇଁ ଜାମୁଝାଡି ଠାରୁ ଧାମରା ପର୍ଯ୍ୟନ୍ତ ରାସ୍ତାରେ ସି ସି କ୍ୟାମେରାର ବ୍ୟବସ୍ଥା କରିବା ସହିତ ସଡ଼କ ସୁରକ୍ଷା ନିୟମକୁ କଡାକଡି ଭାବରେ ପାଳନ କରିବା କ୍ଷେତ୍ର ରେ ସମସ୍ତେ ମିଳିତଭାବେ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି । ଏହି ଅବସରରେ ପୌରପାଳିକା ର କର୍ମଚାରୀ, ଆଦାନୀ ବନ୍ଦର ର କର୍ମଚାରୀ ଏବଂ ପ୍ରଶାସନ ପକ୍ଷରୁ ରାସ୍ତାରେ ଯାତାୟତ କରୁଥିବା ସମସ୍ତ ଯାନ ଗୁଡିକୁ ଅଟକାଇ ଚାଳକକୁ ଟିଫିନ୍ ପ୍ୟାକେଟ, ଗୋଲାପ ଫୁଲ ଏବଂ ସଚେତନତା କରପତ୍ର ପ୍ରଦାନ କରିବା ସହିତ ଦୃତ ଗତିରେ ଗାଡି ନ ଚଳାଇବାକୁ ଡ୍ରାଇଭର ମାନଙ୍କୁ ସଚେତନତା କରାଯାଇଥିଲା । ପ୍ରଶାସନ ପକ୍ଷରୁ ଏହି ଭଳି କାର୍ଯ୍ୟକ୍ରମ କୁ ସାଧାରଣ ରେ ପ୍ରଶଂସା କରାଯାଇଛି ।

ଜିଲ୍ଲା ପ୍ରଶାସନ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ସଭା

ବାସୁଦେବପୁର ୨୦/୩(ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ନୀଳମଣି ଟାଉନ୍ ହଲ ପରିସରରେ ସଡ଼କ ସୁରକ୍ଷା ସଚେତନତା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସ୍ଥାନୀୟ ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ, ଉପ ଜିଲ୍ଲାପାଳ , ଆଞ୍ଚଳିକ ପରିବହନ ଡେପୁଟି କମିଶନର ପ୍ରମୁଖ ମଞ୍ଚାସୀନ ଅତିଥିମାନେ ଉପସ୍ଥିତ ରହିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଧାମରା ଆଦାନୀ ବନ୍ଦର ବରିଷ୍ଠ ଅଧିକାରୀ, ବାସୁଦେବପୁର ପୌରପାଳିକାର ପୌର ଅଧିକାରୀ, ବାସୁଦେବପୁର ତିନୋଟି ଥାନାର ଥାନା ଆଇଆଇସି ସମେତ ଅନ୍ୟ ମାନ୍ୟ ଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ରହିବା ସହିତ ସଡ଼କ ସୁରକ୍ଷା ଉପରେ ସମସ୍ତ ଦିଗରେ ଆଲୋଚନା ହେବା ସହିତ ଉଠା ଦୋକାନୀମାନଙ୍କ ସଠିକ ଥଇଥାନ ବ୍ୟବସ୍ଥା, ଦୁଇ ଚକିଆ , ତିନି ଚକିଆ, ଭାରି ଯାନ ରାସ୍ତା କଡ଼ରେ ଅଧିକ ସମୟ ପାର୍କିଂ କରିବା , ସଡ଼କ ରେ ଯାତାୟାତ ସମୟରେ ହେଲମେଟ ବାଧ୍ୟତାମୂଳକ, ଦୃତଗାମୀ ଯାନ ନିୟନ୍ତ୍ରଣ ପାଇଁ ଜାମୁଝାଡି ଠାରୁ ଧାମରା ପର୍ଯ୍ୟନ୍ତ ରାସ୍ତାରେ ସି ସି କ୍ୟାମେରାର ବ୍ୟବସ୍ଥା କରିବା ସହିତ ସଡ଼କ ସୁରକ୍ଷା ନିୟମକୁ କଡାକଡି ଭାବରେ ପାଳନ କରିବା କ୍ଷେତ୍ର ରେ ସମସ୍ତେ ମିଳିତଭାବେ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି । ଏହି ଅବସରରେ ପୌରପାଳିକା ର କର୍ମଚାରୀ, ଆଦାନୀ ବନ୍ଦର ର କର୍ମଚାରୀ ଏବଂ ପ୍ରଶାସନ ପକ୍ଷରୁ ରାସ୍ତାରେ ଯାତାୟତ କରୁଥିବା ସମସ୍ତ ଯାନ ଗୁଡିକୁ ଅଟକାଇ ଚାଳକକୁ ଟିଫିନ୍ ପ୍ୟାକେଟ, ଗୋଲାପ ଫୁଲ ଏବଂ ସଚେତନତା କରପତ୍ର ପ୍ରଦାନ କରିବା ସହିତ ଦୃତ ଗତିରେ ଗାଡି ନ ଚଳାଇବାକୁ ଡ୍ରାଇଭର ମାନଙ୍କୁ ସଚେତନତା କରାଯାଇଥିଲା । ପ୍ରଶାସନ ପକ୍ଷରୁ ଏହି ଭଳି କାର୍ଯ୍ୟକ୍ରମ କୁ ସାଧାରଣ ରେ ପ୍ରଶଂସା କରାଯାଇଛି ।

ଜିଲ୍ଲା ସ୍ତରୀୟ ଲକ୍ଷପତି ଦିଦିଙ୍କ କର୍ମଶାଳା
ମାଆମାନଙ୍କୁ ସ୍ୱାବଲମ୍ବୀ ଓ ଅନ୍ତନିହିତ ଚେତନାକୁ ଜାଗ୍ରତ କରବାରେ ସହାୟକ

ବୌଦ୍ଧ ୨୦/୩(ନି.ପ୍ର): ବୌଦ୍ଧ ବ୍ଲକ୍ ମୁର୍ଶୁଣ୍ଡ୧ ଖେଳ ପଡ଼ିଆ ଠାରେ ଜିଲ୍ଲା ସ୍ତରୀୟ ଲକ୍ଷପତି ଦିଦିଙ୍କ ଦିନିକିଆ କର୍ମଶାଳା ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କର୍ମଶାଳାକୁ ଉଦଘାଟନ ପୂର୍ବକ ଏହି କର୍ମଶାଳା ମାଆ ମାନଙ୍କୁ ସ୍ୱାବଲମ୍ବୀ କରିବା, ସେମାନଙ୍କ ଅନ୍ତର୍ନିହିତ ଚେତନା କୁ ଜାଗ୍ରତ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ସୁସ୍ଥ ପରିବାର ଗଠନ ରେ ନାରୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଆଗକୁ ମାଆ ମାନେ କରୋଡ଼ପତି ହେବାର ଆଭିମୁଖ୍ୟ ରହିଛି, ମାଆ ମାନେ ତାହା ପୂରଣ କରିବେ ବୋଲି ଆହ୍ୱାନ କରିଥିଲେ । ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା ସ୍ୱାଗତ ଭାଷଣ ଦେବା ସହ କର୍ମଶାଳା ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଉପ -ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ ନିଜ ସ୍ୱ ରଚିତ କବିତା ପାଠ କରି ଲକ୍ଷପତି ଦିଦି ମାନଙ୍କୁ ଉତ୍ସାହିତ କରିଥିଲେ । ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼. ମଦନ ମୋହନ ପ୍ରଧାନ ମହିଳା ମାନେ ଆଗକୁ ବଢ଼ିବା ପାଇଁ ଆହ୍ୱାନ କରିଥିଲେ କ୍ଷବୌଦ୍ଧ ବ୍ଲକ୍ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ପରିଷଦ ଜୋନ ନମ୍ବର ୪ ର ସଦସ୍ୟ ଇଂ.ରାକେଶ ତ୍ରିପାଠୀ ବିକଶିତ ଓଡିଶା ଗଠନ, ବିକଶିତ ଗ୍ରାମ ଗଠନ, ବିକଶିତ ପରିବାର ଗଠନ, ଲକ୍ଷ୍ମପତି ଦିଦି କର୍ମଶାଳା ର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ ମାଧ୍ୟମରେ ୧୦ ଜଣ ଲକ୍ଷପତି ଦିଦି ଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିଲେ ।

ଉଦଘାଟନୀ କାର୍ଯ୍ୟକ୍ରମ କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଏବଂ ଦିନିକିଆ କର୍ମଶାଳା ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କୁ ମିଶନ୍ ଶକ୍ତି ର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ରଶ୍ମୀ ରଂଜନ ସେଠୀ ପରିଚାଳନା କରିଥିଲେ କ୍ଷ ଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୌଦ୍ଧ ବ୍ଲକ ଯୁଧିଷ୍ଠିର ମେହେର ଧନ୍ୟବାଦ ପ୍ରଦାନ କରିଥିଲେ ।

କଳସୀ ମଣ୍ଡେଇ ଯାତ୍ରା ନିମନ୍ତେ ପ୍ରସ୍ତୁତି

ରାଇଘର, ୨୦/୩(ନି.ପ୍ର): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଠାରେ ଚଳିତ ବର୍ଷ ହେବାକୁ ଥିବା ପ୍ରସିଦ୍ଧ ମାଁ କଳସୀ ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ମାଁ କଳସୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗାଁ ମୁଖିଆ (ଗାଉଣ୍ଡିଆ) କମଳସିଂ ରାଜପୁତ, ଗଞ୍ଜାପରା ଗାଉଁଟିଆ ସୁଦର୍ଶନ ମାଝୀ, ଇନ୍ଦଲ ଗଣ୍ଡ, ବିଲୁସିଂ ପାତ୍ର, ମୁନା ପାତ୍ର, ଶ୍ରୀରାମ ସୁନାନୀ ପ୍ରମୁଖଙ୍କ ସମେତ ସାତପାଲି ଗ୍ରାମର ସମସ୍ତ ସିଆନ ମୂଖିଆ, ପୂଜାରୀ, ଶିରହା , ନେଙ୍ଗୀ ପାତ୍ର ,ଦଣ୍ଡସେନା, ଗାଇଁତା, ଧୁରୁଆ, ସାମପୁରିଆ, ସମରଥ ,ଡେଙ୍ଗୁରମୁଣ୍ଡୀଆ ତଥା ଗ୍ରାମର ଭଦ୍ରବ୍ୟକ୍ତି ଓ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ । ପୂର୍ବାହ୍ନ ୧୦ ଟା ସମୟରେ ଆରମ୍ଭ ହୋଇ ଏହି ବୈଠକରେ ଗତବର୍ଷ ମଣ୍ଡେଇ ଯାତ୍ରା ର ସମସ୍ତ ଆୟ ବ୍ୟୟ ବିଷୟରେ ଆଲୋଚନା ହୋଇଥିଲା । ଏହି ଅବସରରେ ଚଳିତ ବର୍ଷର ସାତପାଲି ଗ୍ରାମ ର କଳସୀ ମଣ୍ଡେଇ ପୂଜା କାର୍ଯ୍ୟକ୍ରମ ନିମନ୍ତେ ସର୍ବସମ୍ମତି କ୍ରମେ ନୂତନ ପରିଚାଳନା କମିଟି ଗଠନ ହୋଇଥିଲା । ସଭାପତି ଭାବେ ଦେବେନ୍ଦ୍ର ମିଶ୍ରଙ୍କୁ ମନୋନୀତ କରାଯାଇଥିବା ବ୍ଳେ ଉପସଭାପତି ଭାବେ ବସନ୍ତ କୁମାର ଡଙ୍ଗରୀ ଓ ଚନ୍ଦନ ସତନାମୀ ମନୋନୀତ କରାଯାଇଥିଲା । ସେହିଭଳି ସମ୍ପାଦକ ଭାବେ ଭିଷ୍ମ ନାୟକ, ସହ ସମ୍ପାଦକ ଭାବେ ପ୍ରସାନ୍ତ କୁମାର ରାଇ (ଲୁଲୁ) ଏବଂ କୋଷାଧକ୍ଷ ଭାବେ ସାଇ କ୍ରିଷ୍ଣା ମୋନାନୀତ କରାଯାଇଥିଲା ।

ଭବାନୀପାଟଣା ଘୋଡାଘାଟ ଛକରେ ଭୟଙ୍କର ଅଗ୍ନି କାଣ୍ଡ

ଭବାନୀପାଟଣା, ତା ୨୦./୩/ ୨୫(ଜଗନ୍ନାଥ ଏକ୍ସପ୍ରେସ୍): କଳାହାଣ୍ଡି ଜିଲା ଭବାନୀପାଟଣା ସହର ଘୋଡ଼ାଘାଟ ଛକ ୨୬ ନମ୍ବର ଜାତୀୟ ରାଜପଥ ଉପରେ ଥ?ିବା ୩ ଟି ଦୋକାନରେ ଗୁରୁବାର ନିଆଁ ଲାଗି ଧ୍ୱଂସ ହୋଇଯାଇଥିବା ଦେଖିବାକୁ ମିଳିଛି । ନିଆଁ ପ୍ରଥମେ ଗଦି ଦୋକାନରୁ ଲାଗି ଥିବାବେଳେ ପରେ ପାଖରେ ଥିବା ପନି ପରିବା,ସୋଡ଼ା ଦୋକାନରେ ଲାଗି ଯାଇଥିଲା । ଏହାସହ ନିକଟରେ ଥ?ିବା ଡେଲି ନିଷ୍ପ ଦୋକାନରେ ମଧ୍ୟ ନିଆଁ ଲାଗି ଯାଇଥିଲା । ଗଦିରେ ନିଆଁ ଲାଗି ଯିବାରୁ ନିଆଁର ବେଗ ପ୍ରଖର ହୋଇଯାଇଥିଲା । ଖବର ପାଇ ଭବାନୀପାଟଣା ଅଗ୍ନିଶମ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ନିଆଁକୁ ଆୟତ୍ତ କରୁଛନ୍ତି । ଏହଯୋଗୁ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଛି । ତେବେ ନିଆଁ କେଉଁ କାରଣରୁ ଲାଗିଲା ତାହା ବର୍ତ୍ତମାନ ସୃଷ୍ଟ ଜଣାପଡ଼ି ନ ଥିବାବେଳେ ହଠାତ୍ ନିଆଁ ଲାଗିବାରୁ ସ୍ଥାନୀୟ ଦୋକାନୀ ମଧ୍ୟ ଆହତ ହୋଇଛନ୍ତି । ସେହିପରି କେତେ କ୍ଷୟକ୍ଷତି ହୋଇଛି ତାହା ବର୍ତ୍ତମାନ ସୁଦ୍ଧା ମଧ୍ୟ ଜଣାପଡ଼ିନାହିଁ ।

ଏପ୍ରିଲ ୨ ରୁ 'ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ'
କଳାହାଣ୍ଡିରେ ପ୍ରସ୍ତୁତି ଜୋରଦାର
ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବାଣ୍ଟିଲେ ଜିଲ୍ଲାପାଳ

ଭବାନୀପାଟଣା, ତା ୨୦/୩/ ୨୫(ଜଗନ୍ନାଥ ଏକ୍ସପ୍ରେସ୍) କଳାହାଣ୍ଡି ଜିଲ୍ଲା ରେ ଜାତୀୟ ଶିକ୍ଷା ନୀତି ଆଧାରରେ ଏବର୍ଷ କେବଳ ପ୍ରଥମ ଶ୍ରେଣୀ ପିଲା ନୁହନ୍ତି, ଶିଶୁବାଟିକା ପିଲା ମଧ୍ୟ ବିଦ୍ୟାଳୟରେ ନାମ ଲେଖାଇବେ । ଏପ୍ରିଲ ୨ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା 'ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ- '୨୦୨୫ ଅବସରରେ ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କୁ ନିଆରା ଢଙ୍ଗରେ ସ୍ୱାଗତ କରାଯିବ । ଏଥିପାଇଁ କଳାହାଣ୍ଡି ଜିଲ୍ଲାରେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । କଳାହାଣ୍ଡି ଜିଲ୍ଲାପାଳ ପାଣ୍ଡାର ସଚିନ ପ୍ରକାଶ ଗୁରୁବାର ଦିନ ଭବାନୀପାଟଣା ସହରର ମାଳିପଡ଼ାକୁ ଯାଇ ଅଭିଭାବକଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ଓ ଶୁଭଲକ୍ଷ୍ମୀ ନାୟକ,ସମଗ୍ର ଶିକ୍ଷା କଳାହାଣ୍ଡିର ଶୈକ୍ଷିକ ସଂଯୋଜକ ଶ୍ରଦ୍ଧାଞ୍ଜଳ ଦାଶ,ଗୋଷ୍ଠୀ ଶିକ୍ଷ୍ୟାଧିକାରୀ ଆଚାରୀ ଶବର, ଅତିରିକ୍ତ ଗୋଷ୍ଠୀ ଶିକ୍ଷ୍ୟାଧିକାରୀ ଯୋଗେନ୍ଦ୍ର ମୁଣ୍ଡ ଓ ହୃଷିକେଶ ନାଏକ,ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ସି ଆର୍ ସି ସି ସ୍ୱାଧୀନୀ ସାହୁ, ପ୍ରଫୁଲ୍ଲ ଠାକୁର, ଦୂର୍ଗା ଆଚରି, ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ ସାହୁ, ଶିକ୍ଷକ ଅଜିତ ପ୍ରଧାନ, ଏମ ଏଲ ଇ ଶିକ୍ଷକ ତୁଳା ରାମ ମାଝୀ ସମେତ ବାପୁଜୀ ସରକାରୀ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ତଥା ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ସମ୍ପର୍କରେ ସୂଚନା ଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଛତ୍ର ପ୍ରକାଶ କରିଛନ୍ତି ଯେ, ଏନେଇ ବିଦ୍ୟାଳୟ ସ୍ତରରେ ଚାରି ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ପ୍ରଥମ ଦିନ ବିଦ୍ୟାଳୟକୁ ଶିକ୍ଷାର୍ଥୀ, ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି, ମାତୃ କମିଟି, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ, ଅଭିଭାବକ ଓୟ ଗୋଷ୍ଠୀ ସହଯୋଗରେ ଉତ୍ସବମୁଖର ଢଙ୍ଗରେ ସଜାଯିବ । ନୂଆ ପିଲାମାନଙ୍କୁ ତିଳକ, ପୁଷ୍ପଗୁଚ୍ଛ ଓ ବେଜ୍ ଦେଇ ସ୍ୱାଗତ କରାଯିବ, ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରାଯିବ ଏବଂ କିଟ୍ ବଣ୍ଟନ ହେବ । ସ୍ଥାନୀୟ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ଆଲୋଚନା ମଧ୍ୟ ଅନୁଷ୍ଠିତ ହେବ । ଦ୍ୱିତୀୟ ଦିନ ସାକ୍ଷରତା ଷ୍ଟେସନ୍? ପ୍ରଦର୍ଶନ କରାଯିବ, ଯେଉଁଠାରେ ପିଲାମାନେ ପଞ୍ଚତନ୍ତ୍ର ଓ ଲୋକକଥାରୁ ନୈତିକ ଶିକ୍ଷାଯୁକ୍ତ ଗପ ଶୁଣିବେ, ଶିଶୁଗୀତ ଶିଖିବେ ଏବଂ ଢୋଲ ମର୍ଦଳ ବାଦନ ତଥା ଲୋକନୃତ୍ୟରେ ଅଂଶଗ୍ରହଣ କରିବେ । ତୃତୀୟ ଦିନ ସଂଖ୍ୟାଜ୍ଞାନ ଷ୍ଟେସନ୍‌ରେ ଗଣିତ ଖେଳ, ଗପ ଓ ସଙ୍ଗୀତ ମାଧ୍ୟମରେ ଶିକ୍ଷା ଦିଆଯିବ । ଚତୁର୍ଥ ଦିନ ପ୍ରଭାତ ଫେରି ଓ ପିଲାମାନଙ୍କ କୃତି ପ୍ରଦର୍ଶନ ସହ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ । ଏଥିସହ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ ସଚେତନତା ରଥ ପରିଭ୍ରମଣ କରି ବୟସ ଅନୁସାରେ ନାମଲେଖା, ଜାତୀୟ ଶିକ୍ଷା ନୀତି- ୨୦୨୦ ଏବଂ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଓ ସୃଜନୀ ଷ୍ଟେସନ୍ ସମ୍ପର୍କରେ ସଚେତନତା ସୃଷ୍ଟି କରିବ । ଏଥିପାଇଁ ପ୍ରଧାନଶିକ୍ଷକ ବିଦ୍ୟାଳୟ ପରିଚାଳନା କମିଟି ସହଯୋଗରେ ଯୋଗ୍ୟ ପିଲାଙ୍କ ତାଲିକା ପ୍ରସ୍ତୁତ କରି ନିମନ୍ତ୍ରଣ ପତ୍ର ବଣ୍ଟନ କରିବେ ଏବଂ ବିଦ୍ୟାଳୟରେ ଏଫ୍‌ଏଲ୍‌ଏନ୍ ଓ ସୃଜନୀ ଷ୍ଟେସନ୍ ପ୍ରସ୍ତୁତ କରିବେ ।

ପବିତ୍ର ମହାବାରୁଣୀ ମେଳା ଆୟୋଜନ ଓ ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ

ଯାଜପୁର, ତା ୨୦.୦୩.୨୦୨୫ ରିଖ : ଆଜି ଅପରାହ୍ନରେ ପବିତ୍ର ମହାବାରୁଣୀ ମେଳା ଆୟୋଜନ ଓ ସୁପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ କହିଲେ ପବିତ୍ର ମହାବାରୁଣୀ ମେଳା ଯାଜପୁର ଜିଲ୍ଲାର ଏକ ଐତିହାସିକ ମେଳା ଅଟେ । ଏହି ପବିତ୍ର ମେଳା କୁ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ସୁଚାରୁରୂପେ ପାଳନ କରିବା ନିମନ୍ତେ ସମସ୍